## ସଂକ୍ଷେପରେ

### ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

#### ଛୁରା ମାଡରେ ଯୁବକ ଆହତ ଘଟଣା

ଡାବୁଗାଁ, ୨୫।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ସଦର ମହକୁମା ବସ୍‌ଷ୍ଟାଣ୍ଡ ନିକଟରେ ଛୁରା ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବାହାଦୁର ଜାନୀ (୨୩)। ତାଙ୍କୁ ଜଙ୍ଗଲରୁ ଗିରଫ କରାଯାଇଛି। ପୂର୍ବରୁ ଏହି ଘଟଣାରେ ଡାବୁଗାଁ ହାଟପଦାର ଲାଲୁ ଜାନୀ (୨୨)ଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟଯେ, ଶନିବାର ରାତି ପ୍ରାୟ ୧୦ଟାରେ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପ୍ରେମ ଗୁପ୍ତାଙ୍କ ଦୋକାନ ଭିତରେ ବାହାଦୁର ଓ ଲାଲୁ ଜାନୀ ପଶିଥିଲେ। ଶୁକ୍ରବାର ଅପରାହ୍ନରେ ଉକ୍ତ ଦୁଇ ଜଣ ପ୍ରେମ ଓ ତାଙ୍କ ପୁଅ କାହ୍ନାଙ୍କ ସହ ଗଣ୍ଡଗୋଳ କରି ମୁହଁରେ ଖଣ୍ଡିଆ କରିଦେଇଥିଲେ। ଅପରାହ୍ନରେ ଗଣ୍ଡଗୋଳ କରି ପୁଣି ରାତିରେ ଦୋକାନରେ ପଶି ପ୍ରେମଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ। ଖବରପାଇ ଡାବୁଗାଁ ଥାନାଧିକାରୀ ପ୍ରମୋଦ କୁମାର ନାୟକ ଓ ଏଏସ୍‌ଆଇ ବିଜୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ୨୨ ତାରିଖ ଦିନ ଆହତଙ୍କ ଭାଉଜ ନିଲୁ ଗୁପ୍ତା ଏତଲା ଦେଇଥିଲେ। ସବ୍‌ଇନିସ୍ପେକ୍ଟର ମେନକା ଶା ଘଟଣର ତଦନ୍ତ କରୁଥିଲେ।

### ଡ୍ରେନ୍ ନିର୍ମାଣ ପାଇଁ ବିଡିଓଙ୍କୁ ଦାବିପତ୍ର

ଗଞ୍ଜାମ, ୨୫।୮ (ଡି.ଏନ୍.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତର ଡିଆଁଡେଇଁ ଚାମୁଣ୍ଡାସାହିରେ ଡ୍ରେନେଜ ନିର୍ମାଣ ପାଇଁ ସରପଞ୍ଚ ମନୋଜ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ବିଡ଼ିଓ ବିଶ୍ୱଜିତ ରାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସାହିରେ ଡ୍ରେନ ନ ଥିବା ଯୋଗୁ ବର୍ଷା ହେଲେ ପାଣି ନିଷ୍କାସନ ହୋଇପାରୁନି। ଫଳରେ ବର୍ଷା ଜଳ ଗ୍ରାମରେ ବହୁ ଦିନ ଧରି ଜମି ରହୁଛି। ଫଳରେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେଉଛନ୍ତି ସାହି ବାସିନ୍ଦା। ଏଣୁ ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଜିତେନ୍ଦ୍ର କୁମାର ନାହାକ ବିଡ଼ିଓଙ୍କୁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭାସ୍କର ଚନ୍ଦ୍ର ନାହାକ, ସୁଧୀର ନାହାକ, ସୁଧାକର ନାହାକ, ସୁମିତ ନାହାକ, କବିରାଜ ନାହାକ, ସୁବଳ ନାହାକ, ଲୋପାମୁଦ୍ରା ନାହାକ, ନାରାୟଣ ନାହାକ, ରୁଷିଆ ନାହାକ, ରମଣୀ ନାହାକ, ପବିତ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

### ନିୟମିତ ହେଲେ ୩୬ କନିଷ୍ଠ ଶିକ୍ଷକ

ଗଞ୍ଜାମ, ୨୪।୮ (ଡି.ଏନ.ଏ.)-ଗଞ୍ଜାମ ବ୍ଲକରେ ୨୦୧୫ ମସିହାରେ ନିଯୁକ୍ତି ପାଇଥିବା ୩୬ ଜଣ କନିଷ୍ଠ ଶିକ୍ଷକଙ୍କୁ ବୁଧବାର ନିୟମିତ ଶିକ୍ଷକ ମାନ୍ୟତା ମିଳିଛି। ଏନେଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟମିତ ପତ୍ର ପ୍ରଦାନ କରାଯାଇଛି। ବିଇଓ ଭାଗିରଥି ବେହେରା, ଏବିଇଓ ବିଜୟ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ନିୟମିତ ପତ୍ର ଦିଆଯାଇଛି। ଏଥିପାଇଁ ଶିକ୍ଷକ ସଂଘ ପକ୍ଷରୁ ସଭାପତି ସଞ୍ଜୟ ତରାଇ, ସମ୍ପାଦକ ସୀମାଞ୍ଚଳ ପାଣି, କୋଷାଧକ୍ଷ ଜିତେନ୍ଦ୍ର ନନ୍ଦ ପ୍ରମୁଖ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସୀମା ଚିହ୍ନଟ ଉପରେ ଗୁରୁତ୍ୱ ଦେଲେ କମିବ ବିବାଦ

■ ଜଙ୍ଗଲ ଜମିରେ ମକା ଚାଷ ଉପରେ ସାହୁକାରଙ୍କ ନଜର
■ ନଷ୍ଟ ହେଉଛି ଜଙ୍ଗଲ, ସରକାରଙ୍କ ଦୃଷ୍ଟି ଜରୁରୀ

ନବରଙ୍ଗପୁର, ୨୫।୮ (ବି.ପ୍ର.)

ନବରଙ୍ଗପୁର ଜିଲା ମକା ଉତ୍ପାଦନରେ ସାରା ଭାରତ ବର୍ଷରେ ନାଁ କରିଛି। କୃଷି ବିଭାଗର ଆକଳନ ଅନୁଯାୟୀ ଜିଲାରେ ୬୦ ହଜାର ହେକ୍ଟର ଜମିରେ ଚଳିତ ବର୍ଷ ମକା ଚାଷ ହୋଇଥିବା ସୂଚନା ମିଳିଛି। ଜଙ୍ଗଲ ଜମିରେ ମକାଚାଷକୁ ଆଧାର କଲେ ଏହାର ପରିମାଣ ଅଧିକ ହେବ। ମକା ଚାଷ ଯୋଗୁ ଜିଲାରେ ଠିକଣା ସମୟରେ ଚାଷିଙ୍କୁ ୟୁରିଆ ଅଭାବ ଦେଖା ଦେଉଛି। ମକା ଗଛ ଅଧିକ ସାର ଗ୍ରହଣ କରିଥାଏ। ଅନ୍ୟ ପକ୍ଷରେ ଜଙ୍ଗଲ ଜମିରେ ମକା ଚାଷ ପାଇଁ ବିଭିନ୍ନ ଗାଁ ଗହଳିରେ ସାହୁକାରମାନେ ବିହନ, ସାର ଯୋଗାଇବା ସହ ଜଙ୍ଗଲ ମୂଳକର ଚାଷିଙ୍କୁ ଆର୍ଥିକ ସହାୟତା ଯୋଗାଉଛନ୍ତି। ଅମଳ ହେଲେ ସାହୁକାର ଚାଷୀଙ୍କଠାରୁ କମ୍ ମୂଲ୍ୟରେ ମକା କିଣି ଲାଭବାନ ହେଉଛନ୍ତି। ଜଙ୍ଗଲ ଜମି ଅଞ୍ଚଳରେ ମକା ଚାଷ ବୃଦ୍ଧି ଘଟିବା ଓ ଜଙ୍ଗଲ ନଷ୍ଟ ହେବାର ଏହା ଏକ ମୁଖ୍ୟ କରାଣ ସାଜିଛି।

ଜଙ୍ଗଲଜମି ସତ୍ତ୍ୱାଧିକାର ଆଇନ ଆସିବା ପରେ ପଟ୍ଟା ପାଇବା ଓ ଜମି ଅକ୍ତିଆର ପାଇଁ ମଧ୍ୟ ଜଙ୍ଗଲ କଟିଛି। ବିଶେଷ ଭାବେ ଜିଲାର ରାଇଘର, ଝରିଗାଁ ଓ ଉମରକୋଟ ଅଞ୍ଚଳରେ ଜଙ୍ଗଲ ଅଧିକ ମାତ୍ରାରେ ନଷ୍ଟ ହେବାସହ ମକା ଫସଲ ବୃଦ୍ଧି ପାଇଛି। ଉପରୋକ୍ତ ୩ ବ୍ଲକରେ ନିର୍ଦ୍ଦିଷ୍ଟ କେତେକ ରାଜନୈତିକ ଦଳର ଟାଣୁଆ ଲୋକ ଜଙ୍ଗଲ ଜମିରେ ଶତାଧିକ ଏକର ମକା ଚାଷ ପାଇଁ ଅର୍ଥ ଲଗାଇ ବ୍ୟବସାୟ କରୁଛନ୍ତି। ଜଙ୍ଗଲଗୁଡ଼ିକର ସୁରକ୍ଷା ପାଇଁ ବନ ସୁରକ୍ଷା ସମିତି ଗଠନ କରାଯାଇଛି। ଜଙ୍ଗଲ ବିଭାଗ ପକ୍ଷରୁ ସୀମା ଚିହ୍ନଟ କରାଯାଇ ପାରୁ ନାହିଁ। ସେହିଭଳି ସରକାରଙ୍କ ଆଇନ ଓ ନିର୍ଦ୍ଦେଶ ପରେ ଜଙ୍ଗଲ ଜମି ସତ୍ତ୍ୱାଧିକାର ନିୟମ ଅନୁଯାୟୀ ଦଖଲ ଚାଷୀକୁ ପଟ୍ଟା ପ୍ରଦାନ କରାଯାଇଛି। ସେମାନଙ୍କୁ ତାଙ୍କର ଜମି ପରିସୀମା ଚିହ୍ନଟ କରାଯାଇ ପାରୁନାହିଁ। ଜଙ୍ଗଲ ଜମିରେ ପଟ୍ଟାପାଇ ବସତି ସ୍ଥାପନ କରିଥିବା ଗାଁକୁ ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରୁନାହିଁ। ଗାଁକୁ ଶିକ୍ଷା ବ୍ୟବସ୍ଥା ମଧ୍ୟ ଦୂରେଇ ଯାଉଛି। ଶିକ୍ଷା ଓ ସଚେତନ ଅଭାବରେ ଅନେକ କିଛି ହରାଇ ବସୁଛନ୍ତି ବନବାସୀ। ଦୀର୍ଘ ୧୫ ବର୍ଷ ହେବ ଜିଲାରେ ଜଙ୍ଗଲ ଜମି ବିବାଦ କୌଣସି ନା କୌଣସି ଗାଁରେ ଲାଗି ରହିଛି। ମୁଖ୍ୟ କାରଣ ହେଉଛି ସୀମା ଚିହ୍ନଟ। ଜଙ୍ଗଲ, ରାଜସ୍ୱ ବିଭାଗ ଓ ପ୍ରଶାସନ ପକ୍ଷରୁ ଏ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି। ଜିଲା ପ୍ରଶାସନ ନିଜ ଅଧୀନରେ ଥିବା ସମସ୍ୟା ସମାଧାନ କରି ସରକାରଙ୍କ ଅଧୀନରେ ରହିଥିବା କାର୍ଯ୍ୟକୁ ତୁରନ୍ତ ସୁପାରିଶ କରିବା ସହ ରାଜ୍ୟ ସରକାର ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଲେ ଜିଲାରେ ଲାଗି ରହିଥିବା ଜଙ୍ଗଲ ଜମି ବିବାଦର ଆଶୁ ସମାଧାନ ହୋଇପାରିବ। ଅନ୍ୟ ପକ୍ଷରେ ସାହୁକାରଙ୍କ ଅର୍ଥ ଲଗାଣ ଉପରେ ରୋକ ଲଗାଗଲେ ଜଙ୍ଗଲ ଜମିରେ ମକା ଚାଷ ଦିନକୁ ଦିନ ବୃଦ୍ଧି ପାଇବା ଓ ଜଙ୍ଗଲ ନଷ୍ଟ ହେବା କମିବ ବୋଲି ମତ ମିଳୁଛି।

# ଦାବି ପୂରଣ ନ ହେଲେ ରେଲ୍‌ୱେକୁ ଜମି ଦେବୁନାହିଁ

ରାୟଗଡ଼ା ଅଫିସ, ୨୫।୮


ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

■ ସିଙ୍ଗାପୁର-କୋରାପୁଟ ରେଲଲାଇନ୍ ଦୋହରୀକରଣ ପ୍ରସଙ୍ଗ
■ ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମବାସୀଙ୍କୁ ନେଇ ବୈଠକ
■ ଜମି ହସ୍ତାନ୍ତର ରାଜିନାମା ପତ୍ରରେ ଦସ୍ତଖତ କଲେନି ଗ୍ରାମବାସୀ

ପୂର୍ବତଟ ରେଳପଥ ବିଶାଖାପାଟଣା ଡିଭିଜନ ପକ୍ଷରୁ ସିଙ୍ଗାପୁର ଠାରୁ କୋରାପୁଟ ପର୍ଯ୍ୟନ୍ତ ରେଲଲାଇନ୍ ଦୋହରିକରଣ ଜମି ଅଧିଗ୍ରହଣ ନିମନ୍ତେ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ସିକରପାଇ ସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଜମି ହରାଇବାକୁ ଥିବା ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଭୀମସେନ ଶବର ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ତାପସ କୁମାର ଭୋଇ, ତହସିଲଦାର ସୁଧାକର ରଇତ, ଏବିଡିଓ ବଳରାମ ପାତ୍ର, ଆର୍‌ଆଇ କୃଷ୍ଣ ଶବର, ସିକରପାଇ ସରପଞ୍ଚ ଚୈତନ୍ୟ ତିଆକା, ସମିତି ସଭ୍ୟ ନାଗେଶ୍ୱର ମିଣିଆକା, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ରେଳଲାଇନ୍ ଦୋହରିକରଣରେ ଜମି ହରାଉଥିବା ଭାଲୁମାସ୍କା ଗ୍ରାମବାସୀଙ୍କ ସହ ଅଧିକାରୀମାନେ ଜମି ଅଧିଗ୍ରହଣ ବିଷୟରେ ଆଲୋଚନା କରିଥିଲେ। ତେବେ ଗ୍ରାମବାସୀ ସେମାନଙ୍କ ସମସ୍ୟା ଜଣାଇବା ସହ ଜମି ଦେବାକୁ ରାଜି ହୋଇ ନ ଥିଲେ।

ଭାଲୁମାସ୍କା ଗ୍ରାମବାସୀ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଅତୀତରେ ଭାଲୁମାସ୍କା ଗ୍ରାମରେ ଜମି ଅଧିଗ୍ରହଣ ସମୟରେ ରେଲ୍‌ୱେ ପକ୍ଷରୁ କୌଣସି କ୍ଷତିପୂରଣ ଦିଆଯାଇ ନ ଥିବା କହିଥିଲେ। ଜମି ହରାଇଥିବା ପରିବାର ସଦସ୍ୟଙ୍କୁ ଚାକିରି ଯୋଗାଇବାକୁ ସେମାନେ ଦାବି କରିଛନ୍ତି। ସେହିପରି କୃଷି କାର୍ଯ୍ୟ ପାଇଁ ଏବଂ ଜଙ୍ଗଲକୁ ରେଳଧରଣା ଅତିକ୍ରମ କରି ଯିବା ସମୟରେ ଟ୍ରେନ୍ ଧକ୍କାରେ ଗୃହପାଳିତ ପ୍ରାଣୀଙ୍କ ସମେତ ଗ୍ରାମବାସୀଙ୍କ ଜୀବନ ଚାଲିଯାଉଛି। ତେଣୁ ଉକ୍ତ ସ୍ଥାନରେ ଓଭରବ୍ରିଜ୍ ନିର୍ମାଣ କରାଯାଉ ବୋଲି କହିଛନ୍ତି। ରେଲ୍‌ୱେ ଗ୍ରାମବାସୀଙ୍କ ଦାବିକୁ ଗୁରୁତ୍ୱ ନ ଦେଲେ ଜମି ଦେବୁନାହିଁ ବୋଲି ଗ୍ରାମବାସୀ କହବା ସହ ଜମି ହସ୍ତାନ୍ତର ରାଜିନାମା ପତ୍ରରେ ଦସ୍ତଖତ କରିନାହାନ୍ତି। ଭାଲୁମାସ୍କା ଗ୍ରାମ ନିକଟରେ ଓଭରବ୍ରିଜ କାର୍ଯ୍ୟ ଆରମ୍ଭ ନ ହେବା ପର୍ଯ୍ୟନ୍ତ ଦସ୍ତଖତ କରିବୁ ନାହିଁ ବୋଲି କହି ଗ୍ରାମବାସୀ ଚାଲିଯାଇଛନ୍ତି।

# ଯବାନଙ୍କ ପକ୍ଷରୁ ରକ୍ତଦାନ ଶିବିର

ଗଞ୍ଜାମ, ୨୪।୮ (ଡି.ଏନ.ଏ.)

ଗଞ୍ଜାମ ସହର ସନ୍ନିକଟ ଛତ୍ରପୁର ଓଏସ୍‌ଏପି ଅଷ୍ଟମ ବାଟାଲିୟନର ଯବାନଙ୍କ ପକ୍ଷରୁ ବାଟାଲିୟନ ପରିସର ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଡେପୁଟି କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲକ୍ଷ୍ମୀ ନାରାୟଣ ବେହେରା, ଜ୍ୟୋତି ରଞ୍ଜନ ନାୟକ, ସୁବେଦାର ବ୍ରହ୍ମାନନ୍ଦ ମଲ୍ଲିକ, କୃଷ୍ଣଚନ୍ଦ୍ର ବେହେରା, ଏସଆଇ ଆର୍ମଡ଼ ପିକେ ତ୍ରିପାଠୀ, ଏସକେ ସାହୁ, ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ଅଜିତ କୁମାର ରଥ, ମେମ୍ବର ଅଶ୍ୱିନୀ ପ୍ରଧାନ, ସନ୍ତୋଷ ପ୍ରଧାନ, ଦଣ୍ଡାସି ସେଠି, ଅଜିତ ଗୌଡ଼, ଜ୍ୟୋତି ପ୍ରଧାନ ପ୍ରମୁଖଙ୍କ ସହ ଅନୁଷ୍ଠାନର ସମସ୍ତ ଅଫିସର, ହାବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ଗୋପାଳକୃଷ୍ଣ ପଣ୍ଡା, ସୁଶାନ୍ତ କୁମାର ପାଣିଗ୍ରାହୀ, ରାମହରି ପଣ୍ଡା, ନାଗଭୂଷଣ ପଣ୍ଡା, ଡମ୍ବରୁ କାର୍କି, ଲକ୍ଷଣ ବେହେରା ପ୍ରମୁଖ ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରି ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ସମାଲୋଚକ ଦେବେନ୍ଦ୍ର କୁମାର ଦାଶଙ୍କ ପରଲୋକ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୫।୮ (ବ୍ୟୁରୋ)

ସାହିତ୍ୟିକ, ସମାଲୋଚକ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସ୍ଥାନୀୟ ଶାସ୍ତ୍ରୀନଗରେ ପରିବାର ସହ ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଦେବେନ୍ଦ୍ର ଜଗତ୍‌ସିଂହପୁର ଜିଲା ମାଛଗାଁ ନିକଟବର୍ତ୍ତୀ ବୀରନରସିଂହପୁର ଶାସନରେ ୧୯୫୪ ଜୁଲାଇ ୨୮ରେ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା, ଓଚିଣ୍ଡା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ପରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା ବୃତ୍ତିରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରାଧ୍ୟାପକ ପଦରୁ ସେବାନିବୃତ୍ତ ହୋଇଥିଲେ। ଜଣେ ନିରଳସ ସାରସ୍ୱତ ସାଧକ ଭାବରେ ସେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ମୂଲ୍ୟବାନ ଅବଦାନ ପାଇଁ ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ସମ୍ପାଦନାରେ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା। ଜଣେ କୃତବିଦ୍ୟ ଗବେଷକ ଭାବରେ ତାଙ୍କର ସୁନାମ ରହିଥିଲା। ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ସେ ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କ ଅବର୍ତ୍ତମାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ସ୍ୱର୍ଗତ ଦାଶଙ୍କ ବିୟୋଗରେ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ କଟକର ନିର୍ଦ୍ଦେଶକ ତଥା ବିଶେଷ କାର୍ଯ୍ୟରତ ଅଧିକାରୀ ଲଲାଟେନ୍ଦୁ ଦାଶମହାପାତ୍ର ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସେହିପରି ସ୍ୱର୍ଗତ ଦାଶଙ୍କ ଦେହାନ୍ତ ଓଡ଼ିଆ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶ ପରିଷଦ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡା, ଗୀତିକବି ସାମାଜ ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

# ଜିଲାରେ ଅହିଂସା ରଥ ପରିକ୍ରମା ନେଇ ବୈଠକ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି, ୨୫।୮ (ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅହିଂସା ରଥ ପରିକ୍ରମା ନେଇ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୦, ୧୧ ଓ ୧୨ରେ ଏହି ରଥ ପରିକ୍ରମା କରିବ। ଜିଲାର ୭ଟି ବ୍ଲକ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ରଥକୁ ସ୍ୱାଗତ କରାଯିବ। ସମସ୍ତ ବ୍ଲକର ବିଡିଓମାନଙ୍କୁ ରୁଟ୍ ଚାର୍ଟ ପ୍ରସ୍ତୁତ କରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ପ୍ରଦାନ କରିବାକୁ କୁହାଯାଇଛି। ରଥ ପ୍ରତ୍ୟେକ ରହଣି ସ୍ଥାନରେ ଯେପରି ଭିଡିଓ ପ୍ରଦର୍ଶନ ସହ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ, ସେହି ଦିଗରେ ବନ୍ଦୋବସ୍ତ କରିବା ଲାଗି ଅତିରିକ୍ତ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର, ମହିଳା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସାଗରିକା ସାହୁ ସମସ୍ତ ବ୍ଲକର ବିଡିଓ, ତହସିଲଦାର, ସିଡିପିଓ, ବ୍ଲକ ଶିକ୍ଷାଧିକାରୀ, ଡିପିସିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟ ସ୍ତରରେ ସ୍ୱର୍ଣ୍ଣ ଜିତିଲେ ବାପ ଝିଅ

ଭାର ଉତ୍ତୋଳନ ପ୍ରତିଯୋଗିତା

ଜୟପୁର, ୨୫।୮ (ନି.ପ୍ର.)

ରାଜ୍ୟସ୍ତରୀୟ ଭାର ଉତ୍ତୋଳନ ପ୍ରତିଯୋଗିତାରେ ଚମକିଛନ୍ତି ଜୟପୁରର ବାପ ଓ ଝିଅ। ପ୍ରତିଯୋଗିତାରେ ଉଭୟେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମାଷ୍ଟର ବର୍ଗରେ ବିଶ୍ୱନାଥ ନାୟକ ଏବଂ ୧୪ ବର୍ଷରୁ କମ ବାଳିକା ବର୍ଗରେ ବୈଭବୀଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଜୟପୁରର ଏହି ବାପ ଝିଅଙ୍କ ସଫଳତା ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛି। ବିଶନାଥ (୫୩) ପେଶାରେ ଜଣେ ଓକିଲ। ମାତ୍ର ନିଶା ତାଙ୍କର କ୍ରୀଡା କସରତ। ପୂର୍ବରୁ ମଧ୍ୟ ସେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅନେକ ପଦକ ହାସଲ କରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଶ୍ୱନାଥ ୭୫ କିଲୋ ଭାର ଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାଙ୍କ ୧୧ ବର୍ଷର ଝିଅ ବୈଭବୀ ମଧ୍ୟ ଏଥିରେ ୧୪ ବର୍ଷରୁ କମ ବୟସର ଅନୁଷ୍ଠିତ ପ୍ରତିଯୋଗିତାରେ ୫୫ କେଜି ଭାର ଉଠାଇ ସର୍ଣ୍ଣ ପଦକ ହାସଲ କରିଛନ୍ତି। ଉଭୟଙ୍କ ଏହି ସଫଳତାରେ ସେମାନଙ୍କୁ ବିଧାୟକ ତାରା ପ୍ରସାଦ ବାହିନୀପତି ଶୁଭେଚ୍ଛା ଜଣାଇଛନ୍ତି।


ପଦକ ଜିତିଥିବା ବୈଭବୀ ଓ ବିଶ୍ୱନାଥ।

# ସାରର ଉତ୍କଟ ଅଭାବ, ଯୋଗାଣ ଦାବି

କାଶୀନଗର, ୨୫।୮

ଲଘୁଚାପ ବର୍ଷାରେ ଚାଷୀଙ୍କ ରୁଆ କାର୍ଯ୍ୟ ସରିଛି। ବହୁ ପନିପରିବା ଚାଷ ଉଜୁଡ଼ି ଯାଇଛି। ବର୍ତ୍ତମାନ କ୍ଷେତରେ ସାରର ଆବଶ୍ୟକତା ରହିଛି। କିନ୍ତୁ ସାର ମିଳୁନାହିଁ। କଳାବଜାରରେ ଚଢ଼ା ଦରରେ ସାର ବିକ୍ରି ହେଉଥିବା ଜଣାପଡ଼ିଛି। ବ୍ଲକରେ ଡିଲରମାନେ ଲାଇସେନ୍ସ ନେଇ ସାର ଉଠାଉ ନାହାନ୍ତି। ଆନ୍ଧ୍ରରୁ ସାର ଅଣାଯାଇଥିବା ମଧ୍ୟ ଖବର ମିଳୁଛି। କୃଷି ବିଭାଗ ଓ ସମବାୟ ସମିତି ଜରିଆରେ ଚାଷୀଙ୍କୁ ସବସିଡ୍‌ରେ ସାର ଯୋଗାଣ ନିମନ୍ତେ କୃଷକ ସମାଜ ଦାବି କରିଛି।

# ଜିଆଇଇଟିରେ ସ୍ମାର୍ଟ ଇଣ୍ଡିଆ ହ୍ୟାକ୍‌ଥନ ଉଦ୍‌ଘାଟିତ

ଅନ୍‌ଲାଇନରେ ଯୋଗଦେଲେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଗୁଣପୁର, ୨୫।୮ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଏଆଇସିଟିଇର ମିଳିତ ଆନୁକୂଲ୍ୟରେ ସ୍ମାର୍ଟ ଇଣ୍ଡିଆ ହ୍ୟାକ୍‌ଥନ-୨୦୨୨ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଏବେକା ଯୁଗରେ ନୂତନ ବୈଷୟିକ ଜ୍ଞାନ କୌଶଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଯୁକ୍ତିବିଦ୍ୟାକୁ ଯୁବପିଢ଼ି ଆପଣାଇବା ପାଇଁ ସେ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ରୂପେ ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା ଉପସ୍ଥିତ ରହି ନୂତନ ଉଦ୍ଭାବନ ହିଁ ସମାଜକୁ ଆଗେଇ ନେଇ ପାରିବ ବୋଲି କହିଥିଲେ। ସେହିପରି ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା ଏବଂ ସ୍ୱତନ୍ତ୍ର ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଅଟଳ ଇନୋଭେସନ ମିଶନ (ଏଆଇଏମ୍)ର ନିର୍ଦ୍ଦେଶକ ଚିନ୍ତନ ବୈଷ୍ଣବ ଅନ୍‌ଲାଇନ୍ ମାଧ୍ୟମରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଉପଯୋଗିତା ଓ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟ ନୋଡାଲ ସେଣ୍ଟର ମୁଖ୍ୟ ଦେବାଙ୍ଗ ଦବେ ଯୋଗଦେଇ ଏହା ଯୁବ ନେତୃବର୍ଗ ସୃଷ୍ଟି କରିବା ସହ ବିଦ୍ୟାର୍ଥୀଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବ ବୋଲି କହିଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ଯୁବପିଢ଼ି ସାକାର କରିପାରିବେ ଏବଂ ଏଥିପାଇଁ ଦେଶର ୭୫ଟି ସ୍ଥାନରେ ସ୍ମାର୍ଟ ଇଣ୍ଡିଆ ହ୍ୟାକ୍‌ଥନ ନୋଡାଲ ସେଣ୍ଟର କରାଯାଇଥିବା ସେ କହିଛନ୍ତି। କୁଳପତି ଗୌତମ ଘୋଷ ମଧ୍ୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ବିଶ୍ୱବିଦ୍ୟାଳୟର ନୋଡାଲ ସେଣ୍ଟର ଇନ୍‌ଚାର୍ଜ ଶୁଭ୍ରଜିତ୍ ପ୍ରଧାନ ସ୍ୱାଗତ ଭାଷଣ ରଖିଥିଲେ। ମହା ନିର୍ଦ୍ଦେଶକ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

ଦେଶର ୭୫ ନୋଡାଲ ସେଣ୍ଟର ଗୁଡ଼ିକୁ ଅନ୍‌ଲାଇନ୍‌ରେ ଏଆଇସିଟିଇର ଅଧକ୍ଷ ପ୍ରଫେସର ଅନିଲ ଡି. ସହସ୍ରବଧେ, ପର୍‌ସିଷ୍ଟେଣ୍ଟ ସିଷ୍ଟମର ଅଧକ୍ଷ ଆନନ୍ଦ ଦେଶପାଣ୍ଡେ, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ସଚିବ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଦେଶର ବିଭିନ୍ନ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନର ୨୦୯ ପ୍ରତିଯୋଗୀଙ୍କୁ ନେଇ ୩୧ ଟିମ୍ ସହ ୩୭ ଜଣ ସେଣ୍ଟରରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଇଥିଲେ।

# ମାଟି ଦେବତାଙ୍କ ନିକଟରେ ନବାନ୍ନ ଲାଗି

■ ବାଲ୍ ଯାତ୍ରାରେ ଏକାଠି ହେଲେ ସାତପାଲି ମୁଖ୍ୟ
■ ଭାଦ୍ରବ ଯାତ୍ରା ପାଇଁ ଦିନ ଧାର୍ଯ୍ୟ

ରାଇଘର, ୨୫।୮ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସାତପାଲି ଗ୍ରାମବାସୀ ଏକାଠି ହୋଇ ପାରମ୍ପରିକ ମାଟି ଦେବତାଙ୍କ ନିକଟରେ ନବାନ୍ନ ଲାଗି କରିଛନ୍ତି। ଏହି ପୂଜା ବାଲ୍ ଯାତ୍ରା ନାମରେ ପରିଚିତ। ମାଟି ଦେବତାଙ୍କ ଯାତ୍ରା ଦିନ ଅଞ୍ଚଳବାସୀ ସାମିଲ ହୋଇ ଚାଷ କାର୍ଯ୍ୟ ନିମନ୍ତେ ଧାନ ବୁଣିବା ଓ ଫସଲ ଭଲ ହେବା ପାଇଁ ପୂଜା ପାଠ କରିଥାନ୍ତି। ପରମ୍ପରା ଅନୁଯାୟୀ ଜମିରେ ଧାନ ହେବା ପରେ ନବାନ୍ନ ଭୋଗ ମାଟି ଦେବତାଙ୍କ ନିକଟକୁ ଚଢ଼ାଇବା ହିଁ ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲରାଇଘର ସାତପାଲି ମୁଖ୍ୟ କମଳ ସିଂ ରାଜପୁତ କହିଛନ୍ତି।

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ଆଦିବାସୀଙ୍କ ପରମ୍ପରା ଭିନ୍ନ ଅଟେ। ସମସ୍ତ ଅଞ୍ଚଳବାସୀ ମିଳିତ ଭାବେ ଅଞ୍ଚଳର ପରମ୍ପରା ଉପରେ ଗୁରୁତ୍ୱ ଦେଇ ପୂଜା ବିଧି କରିଥାନ୍ତି। ରାଇଘର ସଦର ମହକୁମା ଧଡ଼ରାପାରା ମଧ୍ୟ ଭାଗରେ ଥିବା ମାଟି ଦେବତାଙ୍କ ପୂଜା ସ୍ଥଳରେ ସାତପାଲି ଗ୍ରାମର ସମସ୍ତ ଅଞ୍ଚଳବାସୀ ମୁଖ୍ୟ କର୍ମକର୍ତ୍ତାଙ୍କୁ ନେଇ ଏକାଠି ହୋଇ ଏହି ବାଲ୍ ଯାତ୍ରା ପାଳନ କରିଥିଲେ। ଭାଦ୍ରବ ମାସର ପ୍ରଥମ ସପ୍ତାହରେ ଏହି ବାଲ୍ ଯାତ୍ରା ହୁଏ। ପରେ ଠାକୁରାଣୀ ମନ୍ଦିର ଠାରେ ଭାଦ୍ରବ ଯାତ୍ରା ନିମନ୍ତେ ତାରିଖ ନିର୍ଘଣ୍ଟ ହୁଏ। ଏହି କ୍ରମରେ ଆସନ୍ତା ୩୦ ତାରିଖ ଦିନ ଭାଦ୍ରବ ଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସେହି ଦିନ ନୁଆଖାଇ ନିମନ୍ତେ ତାରିଖ ନିର୍ଦ୍ଧାରଣ ହୁଏ। ଏହି ଯାତ୍ରାରେ କେବଳ ନବାନ୍ନ ଭୋଗ ଚଢ଼ାଇବା ନିମନ୍ତେ ମାଟି ଦେବତାଙ୍କ ନିକଟରେ ସମସ୍ତେ ଏକାଠି ହୋଇଥାନ୍ତି। ଲବ ପୂଜାରୀ, ପରଦେଶୀ ପୁଜାରୀ, ଗ୍ରାମ ମୁଖିଆ କମଳ ସିଂ ରାଜପୁତ, ସୁଦର୍ଶନ ମାଝି, ସବ୍ ସିଂ ମାଳୀ, ମହେଶ ଧୁରୁଆ, ଗୋବିନ୍ଦ ଗଣ୍ଡଙ୍କ ସହ ସାତ କୁଳ ଯଥା ଗାଇତା, ସମରଥ୍, ସାମପୁରିଆ, ଡେଙ୍ଗୁରମୁନିଆ, ଧୁରୁଆ, ନେଙ୍ଗି, ପାତ୍ର ଓ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।


ମାଟି ଦେବତାଙ୍କ ପାଖରେ ନବାନ୍ନ ଲାଗି ପୂଜା ଚାଲିଛି।

## ସଂକ୍ଷେପରେ

### ଭତ୍ତା ପାଇବାରୁ ବୃଦ୍ଧାବୃଦ୍ଧ ବଞ୍ଚିତ

ମାଥିଲି,୨୫।୮ (ଡି.ଏନ.ଏ.)-ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ପାତ୍ରପୁଟ ଗ୍ରାମରେ ୨ଜଣ ବୃଦ୍ଧାବୃଦ୍ଧ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଭୟଙ୍କୁ ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ମିଳି ନ ଥିବାରୁ ସେମାନେ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ଭତ୍ତା ପାଇଁ ସେମାନେ ପଞ୍ଚାୟତରେ ବାରମ୍ବାର ଆବେଦନ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତାଙ୍କର ପୁତ୍ର ସନ୍ତାନ ନ ଥିବାରୁ ଉଭୟ ସ୍ୱାମୀ ସ୍ତ୍ରୀ ପରସ୍ପର ଉପରେ ନିର୍ଭରଶୀଳ। ଏହି ବୟସରେ କୌଣସି କାମଧନ୍ଦା କରିପାରୁ ନ ଥିବାରୁ ସେମାନଙ୍କୁ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡୁଛି। ତୁରନ୍ତ ଉଭୟଙ୍କୁ ଭତ୍ତା ଯୋଗାଇ ଦେବାକୁ ଦାବି ହେଉଛି।

### କାଳିମେଳାର ବିଭିନ୍ନ ବିଦ୍ୟାଳୟକୁ ପଟ୍ଟା

କାଳିମେଳା,୨୫।୮ (ଡି.ଏନ୍.ଏ.)-ମାଲକାନଗିରି ଜିଲା କାଳିମେଳା ତହସିଲ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର ବିଦ୍ୟାଳୟଗୁଡ଼ିକର ନିଜସ୍ୱ ଜମି ପଟ୍ଟା ନ ଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ରାଜସ୍ୱ ବିଭାଗ ନିର୍ଦ୍ଦେଶରେ କାଳିମେଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ୯ଟି ଉଚ୍ଚ ବିଦ୍ୟାଳୟକୁ ତହସିଲ ପକ୍ଷରୁ ବୁଧବାର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ଏ ନେଇ ତହସିଲ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ତହସିଲଦାର ଦୁର୍ଗାପ୍ରସାଦ ଦୋରା, ଏଡିଏମ୍ ମହେଶ ଚନ୍ଦ୍ର ନାୟକ, ବିଡିଓ ଉମାଶଙ୍କର ଦଳାଇ, ଅତିରିକ୍ତ ତହସିଲଦାର ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟଗୁଡିକର ଉପସ୍ଥିତ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ପଟ୍ଟା ପାଇଥିବା ବିଦ୍ୟାଳୟଗୁଡ଼ିକ ହେଲା କାଳିମେଳା ବ୍ଲକର ଏମ୍‌ପିଭି-୬୫ର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କାଳିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ, ମାରିଗେଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପରୁଲଗୁଡା ପିୟୁପି ବିଦ୍ୟାଳୟ, ଏମ୍‌ପିଭି-୧୩ସ୍ଥିତ ଅରବିନ୍ଦ ବିଦ୍ୟାପୀଠ, କାଙ୍ଗୁରୁକୋଣ୍ଡା ଆଦର୍ଶ ବିଦ୍ୟାଳୟ ଓ ଏମ୍‌ପିଭି-୨୧ ନୋଡାଲ ଉଚ୍ଚ ବିଦ୍ୟାଳୟ।

### ୧୦ ବର୍ଷ ଧରି ଯନ୍ତ୍ରଣା ଭୋଗୁଛନ୍ତି କାର୍ତ୍ତିକ, ଚିକିତ୍ସାରେ ଅର୍ଥ ବାଧକ



ଏମ୍‌ଭି ୭୯,୨୫।୮ (ଡି.ଏନ.ଏ.)-୧୦ ବର୍ଷ ଧରି କିଡ୍‌ନୀ ରୋଗରେ ଯନ୍ତ୍ରଣା ଭୋଗୁଛନ୍ତି। ଶରୀରର ବିଭିନ୍ନ ଅଂଶ ଠିକ୍ ରୂପେ କାମ କରୁନାହିଁ। ଚିକିତ୍ସା ପାଇଁ ପାଖରେ ଅର୍ଥ ନାହିଁ। ସେ ହେଉଛନ୍ତି ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି-୭୯ ଗ୍ରାମର କାର୍ତ୍ତିକ ସରକାର। ଯାହା କିଛି ଅର୍ଥ ଥିଲା ପୂର୍ବରୁ ଚିକିତ୍ସାରେ ସବୁ ସରିଯାଇଛି। ଏବେ କେବଳ ସରକାରୀ ସହାୟତାକୁ ଅପେକ୍ଷା କରି ବସିଛନ୍ତି ସେ। ୨୦୧୦ରେ କାର୍ତ୍ତିକ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ପରିବାର ଲୋକେ ନେଇଥିଲେ। ସେଠାରେ କାର୍ତ୍ତିକଙ୍କ ୨ଟିଯାକ କିଡ୍‌ନୀ ଛୋଟ ହୋଇଯାଇଥିବା ଜଣାପଡ଼ିଥିଲା। ବିଭିନ୍ନ ଡାକ୍ତରଖାନା ଯାଇ ଚିକିତ୍ସା କରାଇଥିଲେ ହେଁ ବିଶେଷ ସୁଫଳ ମିଳି ନ ଥିଲା ତାଙ୍କୁ। ଏବେ କେବଳ ବିଛଣାରେ ପଡ଼ିରହି କଷ୍ଟ ଭୋଗୁଛନ୍ତି। ବିନା ସାହାଯ୍ୟରେ ଉଠିପାରୁ ନାହାନ୍ତି କି ବସିପାରୁନାହାନ୍ତି ସେ। ସ୍ତ୍ରୀ ପଙ୍କଜରାଣୀ ଜଣେ ହୃଦ୍‌ରୋଗୀ। କାର୍ତ୍ତିକଙ୍କୁ ୬୦୦ ଟଙ୍କା ଭତ୍ତା ଓ ରାଶନ ଚାଉଳ ମିଳୁଛି। ଏଥିରେ ପରିବାର ଚଳିବା କଷ୍ଟକର ହୋଇପଡୁଛି। ପଙ୍କଜରାଣୀ ବିଡ଼ି ବାନ୍ଧି ଯେତିକି ରୋଜଗାର କରୁଛନ୍ତି ସେଥିରେ ଘର ଚଳୁଛି। କାର୍ତ୍ତିକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ପୁଣି ୧୫୦ କଇଁଛ ଜବତ

ମାଲକାନଗିରି/ଏମ୍‌ଭି-୭୯, ୨୫।୮ (ସ୍ୱ.ପ୍ର./ଡି.ଏନ.ଏ.)



ଜବତ କଇଁଛ।

ଗତ ଦୁଇ ଦିନ ତଳେ କାଳିମେଳା ବନ ବିଭାଗ ପକ୍ଷରୁ ୩୫୦ କଇଁଛ ଚୋରାଚାଲାଣ ବେଳେ ଜବତ କରାଯାଇଥିବା ବେଳେ ଗୁରୁବାର ଏମଭି-୭୯ ବନ ବିଭାଗ ପକ୍ଷରୁ ଚୋରାଚାଲାଣ ବେଳେ ୧୫୦ଟି ଜିଅନ୍ତା କଇଁଛ ଜବତ କରାଯାଇଛି। କଇଁଛ ଚୋରାଚାଲାଣ ହେଉଥିବା ଖବର ପାଇ ଏମଭି-୭୯ ବନଅଧିକାରୀ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସହ ଏକ ସାତଜଣିଆ ଟିମ ଏମଭି-୧୧୪ ଗ୍ରାମରେ ବୁଧବାର ରାତିରେ ଚଢ଼ାଉ କରିଥିଲେ। ନିଛାଟିଆ ସ୍ଥାନରେ ଗ୍ରାମ ନିକଟରେ ଏକ ପିକଅପ ଭ୍ୟାନ ଥିବା ଦେଖି କର୍ମଚାରୀମାନେ ଏହାକୁ ତାଲାସି କରିଥିଲେ। ପରେ ଭ୍ୟାନରେ କଇଁଛ ଥିବା ଜଣାପଡିଥିଲା। ସେହି ଜାଗାରେ କୌଣସି ଲୋକ କିମ୍ବା ବ୍ୟବସାୟୀ ନ ମିଳିବାରୁ ଭ୍ୟାନକୁ ଟ୍ରାକ୍ଟର ସାହାଯ୍ୟରେ ଟାଣି ଏମଭି-୭୯ ରେଞ୍ଜ ଅଫିସକୁ ଆଣିଥିଲେ। ଗାଡ଼ିରେ ଥିବା ୧୫୦ଟି କଇଁଛର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବନ ଅଧିକାରୀ ସ୍ୱାଇଁ କହିଛନ୍ତି। ଚଢ଼ାଉରେ କାଳିମେଳା ବନାଧିକାରୀ ସୁଶାନ୍ତ ଦଳେଇ, ପୋଟେରୁ ସେକ୍ସନର ଶିବାନନ୍ଦ ଲେଙ୍କା, ମୁଦୁଲିଧର ଅନୁଗୁଳିଆଙ୍କ କର୍ମଚାରୀମାନେ ସାମିଲ ଥିଲେ।

## ସିମେଣ୍ଟ ଇଟା କାରଖାନାରେ ଦୁର୍ଘଟଣା, ଜଣେ ମୃତ

ମାଲକାନଗିରି,୨୫।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମବାଡା ସଦର ପଞ୍ଚାୟତ ନିକଟରେ ଥିବା ଏକ ସିମେଣ୍ଟ ଇଟା କାରଖାନାରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି, ବୁଧବାର ସନ୍ଧ୍ୟାରେ ଉକ୍ତ ଇଟା କାରଖାନାରେ ତେନ୍ତୁଳିଗୁଡା ଗ୍ରାମର ବୁଟା ମାଡକାମି ଓ କୋରୁକୋଣ୍ଡା ପଞ୍ଚାୟତ ଇନ୍ଦିରା କଲୋନୀର ରଘୁ ହାଲବା ମିକ୍ସଚର ମେଶିନ ଚଳାଉଥିଲେ। ହଠାତ୍ ଏହି ୨ଜଣ ମେଶିନ ଉପରେ ପଡି ଯାଇଥିଲେ। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁବାର ସକାଳେ ଚିକିତ୍ସାଧୀନ ଥିବା ବୁଟା ମାଡକାମିଙ୍କ ମୃତ୍ୟୁ ହୋଇଥିଲା। ରଘୁ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ମାଲକାନଗିରି ପୋଲିସ ୪୯୫/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

## ନଦୀରେ ଭାସିଯାଇ ମହିଳା ମୃତ

ନାରାୟଣପାଟଣା,୨୫।୮ (ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ଥାନା ଅନ୍ତର୍ଗତ ଡିମ୍ବାଗୁଡ଼ା ଗ୍ରାମର ଜଣେ ମହିଳା ନଦୀସ୍ରୋତରେ ଭାସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଗ୍ରାମର ହବିକା କୁସେଙ୍କ ସ୍ତ୍ରୀ ହବିକା ଜମ୍ମୁ (୫୦)। ଖବରପାଇ ଦମକଳ ବାହିନୀ ପହଞ୍ଚି ମୃତଦେହ ବାହାରକରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖବରରୁ ଜଣାପଡିଛି, ବୁଧବାର ସନ୍ଧ୍ୟାରେ ହବିକା ଓ ସ୍ତ୍ରୀ ଜମ୍ମୁ (୫୦) ନାରାୟଣପାଟଣାରୁ ବଜାର ସଉଦା କରି ଘରକୁ ଫେରୁଥିଲେ। ଏହି ସମୟରେ ନଦୀରେ ପ୍ରବଳ ସ୍ରୋତ ଥିଲା। ଉଭୟେ ହାତ ଧରାଧରି ହୋଇ ନଦୀ ପାର ହେଉଥିବା ବେଳେ ଜମ୍ମୁଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ସ୍ରୋତରେ ଭାସିଯାଇଥିଲେ। ହବିକା ନଦୀ ପାରହୋଇ ଗ୍ରାମରେ ପହଞ୍ଚି ଏ ବିଷୟରେ ଗ୍ରାମବାସୀଙ୍କୁ କହିଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ। ରାତି ତମାମ ଖୋଜିବା ପରେ ଗ୍ରାମଠାରୁ ଦେଢ କି.ମି. ଦୂର ଏକ ସ୍ଥାନରୁ ତାଙ୍କ ମୃତଦେହ ପାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## କୋରାପୁଟରେ ହେବ ଗୁମ୍ଫା ପର୍ଯ୍ୟଟନର ବିକାଶ : ଜିଲାପାଳ



ଜିଲାପାଳ କୋରାପୁଟ ଜିଲାର ନାଗେଶ୍ୱରୀ ଗୁମ୍ଫାର ଆଲୋକୀକରଣ ବ୍ୟବସ୍ଥା ପରିଦର୍ଶନ କରୁଛନ୍ତି।

କୋରାପୁଟ,୨୫।୮ (ସ୍ୱ.ପ୍ର.)

କୋରାପୁଟ ଜିଲାର ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ସର୍ବଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏହି ପ୍ରାକୃତିକ ବିଭବକୁ ଅଧିକ ଆକର୍ଷଣୀୟ କରିବା ଲାଗି କୋରାପୁଟ ଜିଲାରେ ଥିବା ବିଭିନ୍ନ ଗୁମ୍ଫାର ବିକାଶ କରାଯିବ। ଆଲୋକୀକରଣ ବ୍ୟବସ୍ଥା ସହ ସେଠାକୁ ଯାତାୟାତ ଲାଗି ଭଲ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ଆରମ୍ଭ ହୋଇଥିବା ଜିଲାପାଳ ଅବଦାଲ ଏମ୍. ଅଖତାର ଗୁରୁବାର ସୂଚନା ଦେଇଛନ୍ତି। ଜିଲାର ବୈପାରିଗୁଡା ବ୍ଲକର ଗୁପ୍ତେଶ୍ୱରଠାରୁ ଆରମ୍ଭ କରି ଲକ୍ଷ୍ମୀପୁର ବ୍ଲକର କୁରୁଣିପଦର, ସେମିଳିଗୁଡା ନିକଟସ୍ଥ ପାରୁଆମାଳି, ପଟ୍ଟାଙ୍ଗୀ ବ୍ଲକର ଆମ୍ବାବାଲି ନିକଟସ୍ଥ ପେଦାବାଲଡା ଗୁମ୍ଫା, ନନ୍ଦପୁର ବ୍ଲକରେ ଥିବା ବାଲ୍ମୀକି ଆଶ୍ରମ ନିକଟସ୍ଥ ରାଜ ଗୁମ୍ଫା ଓ ବାଲଡା ନିକଟସ୍ଥ ନାଗେଶ୍ୱରୀ ଗମ୍ଫା ରହିଛି। ଏହି ଗୁମ୍ଫାଗୁଡିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏହାକୁ ଦୃଷ୍ଟି ରଖି ଗୁମ୍ଫାଗୁଡିକର ଆଲୋକୀକରଣ ବ୍ୟବସ୍ଥା ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଗମ୍ଫାଗୁଡିକର ପୁନରୁଦ୍ଧାର ହେଲେ ଜିଲାରେ ପର୍ଯ୍ୟଟନର ବିକାଶ ହେବାସହ ସ୍ଥାନୀୟ ଲୋକେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ବୋଲି ଜିଲାପାଳ କହିଛନ୍ତି। ବର୍ଷାଦିନ ପରେ ସମ୍ପୃକ୍ତ ଗୁମ୍ଫାକୁ ଯାଇଥିବା ରାସ୍ତାର ପିଚୁ କାମ ହେବ। ଅନ୍ୟପକ୍ଷରେ କୋଲାବ ନଦୀ ଉପରେ ଥିବା ଘାଟ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ୨୫ ଲକ୍ଷ ଟଙ୍କା ଓଆଇସିସିକୁ ପ୍ରଦାନ କରାଯାଇଛି। ଖୁବ୍ ଶୀଘ୍ର ଏ ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ନାଗେଶ୍ୱରୀ ଗୁମ୍ଫାଗୁଡ଼ିକୁ ପର୍ଯ୍ୟଟକଙ୍କ ପାଇଁ ପ୍ରାକୃତିକ ଉପାୟରେ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କରାଯାଉଛି। କାର୍ଯ୍ୟ ସୁପରିଚାଳନା ପାଇଁ ଜିଲାପାଳ ଗୁମ୍ଫାଗୁଡ଼ିକୁ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ ଅବସରରେ ଜିଲା ପଟ୍ଟାଙ୍ଗୀର ପେଦାୱାଲାଡା, ଗୁପ୍ତେଶ୍ୱର ଓ ନାଗେଶ୍ୱରୀ ଗୁମ୍ଫାଠାରୁ ପରବ ଶୁଭାରମ୍ଭ କରାଯାଇଥିଲା। ସେବେଠାରୁ ଜିଲାର ଏହି ପର୍ଯ୍ୟଟନସ୍ଥଳିର ବିକାଶ ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା।

## ବନ୍ଧରେ ବୁଡ଼ି ବାଳକ ମୃତ

ମାଲକାନଗିରି, ୨୫।୮ (ଡି.ଏନ.ଏ.)-

ମାଲକାନଗିରି ଜିଲା ମଲ୍ଲିକେଶ୍ୱର ମନ୍ଦିର ନିକଟରେ ଥିବା ବନ୍ଧରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ଗୁରୁବାର ତଳସାହିର ବ୍ୟବସାୟୀ ଏସ.ରବିଙ୍କ ପୁଅ ଏସ. ଶ୍ରବଣ (୧୩) ବିଦ୍ୟାଳୟରୁ ଫେରିବା ପରେ ପୋଷାକ ବଦଳାଇ ସାଙ୍ଗ ଘରକୁ ଯାଉଛି କହି ଯାଇଥିଲେ। ତେବେ ଶ୍ରବଣ ନିଜ ସାଙ୍ଗମାନଙ୍କ ସହ ମିଶି ମଲ୍ଲିକେଶ୍ୱର ମନ୍ଦିର ନିକଟରେ ଥିବା ବନ୍ଧକୁ ଗାଧୋଇ ଯାଇଥିଲେ। ସେଠାରେ ସେ ଗାଧୋଇବା ବେଳେ ଗଭୀର ଜଳ ଭିତରକୁ ଚାଲିଯାଇଥିଲେ। ପହଁରା ଜାଣି ନ ଥିବାରୁ ବୁଡି ଯାଇଥିଲେ। ଏନେଇ ସ୍ଥାନୀୟ ଲୋକେ ଜାଣିବା ପରେ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରି ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ଖୋଜାଖୋଜି କରି ଶ୍ରବଣଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅବ୍ୟବସ୍ଥାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର




ସର୍ଗିଗୁଡ଼ା ଅଙ୍ଗନୱାଡି କେନ୍ଦ୍ର।

ମାଥିଲି,୨୫।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୁରୁପାଲି ପଞ୍ଚାୟତର ସର୍ଗିଗୁଡ଼ା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥାରେ ଚାଲୁଥିବା ଦେଖିବାକୁ ମିଳୁଛି। କେନ୍ଦ୍ର ପରିସରରେ ପାନୀୟ ଜଳ ପାଇଁ ନଳକୂପ ନାହିଁ। ପାଇଖାନା କି ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟ ନାହିଁ। ମାଥିଲି ବିଡିଓ ବାରମ୍ବାର ସେହି ଅଞ୍ଚଳ ଗସ୍ତ କରୁଥିଲେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରର ସମସ୍ୟା ଏ ପର୍ଯ୍ୟନ୍ତ ଦୂର କରିପାରି ନାହାନ୍ତି। ଏହି ଅଙ୍ଗନୱାଡି କେନ୍ଦ୍ର ୧୯୫୪ରେ ସ୍ଥାପିତ ହୋଇଥିଲା। ସର୍ଗିଗୁଡା ଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହା ଥିଲା। ପରେ ଗ୍ରାମବାସୀଙ୍କ ସହମତିରେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲା।

### ନଳକୂପ, ପାଇଖାନା କି ବିଦ୍ୟୁତ୍ ବ୍ୟବସ୍ଥା ନାହିଁ

ପରେ ନୂତନ ଭାବରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ କରାଯାଇଥିଲା। ଇତି ମଧ୍ୟରେ ୬ ବର୍ଷରୁ ଊର୍ଦ୍ଧ୍ୱ ହୋଇଯାଇଥିଲେ ମଧ୍ୟ କେନ୍ଦ୍ର ସମସ୍ୟା ଦୂର ହୋଇପାରିନାହିଁ। ଏଥିସହ ଟେମୁରୁପାଲି ଗ୍ରାମରେ ଅନେକ ସମସ୍ୟା ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଛି ବୋଲି କହିଛନ୍ତି। ଆଗାମୀ ଦିନରେ ଅଙ୍ଗନୱାଡି କେନ୍ଦ୍ର ସହ ଗ୍ରାମ ସମସ୍ୟା ସମାଧାନ ନ ହେଲେ ଯୁବକଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦଳର ଉମାକାନ୍ତ ମାଝି କହିଛନ୍ତି।

## ଅଣସଂକ୍ରାମକ ରୋଗ ନିରୂପଣ ଶିବିର

ଜୟପୁର, ୨୫।୮ (ନି.ପ୍ର.)

ଅଣସଂକ୍ରାମକ ରୋଗ ନିରୂପଣ ନେଇ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜୟପୁର ଜୟନଗର ଏଲଆର ଓ ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ପାରାବେଢ଼ା ଉଚ୍ଚ ପ୍ରଥମିକ ବିଦ୍ୟାଳୟରେ ଏହି ଶିବର ହୋଇଥିଲା। ଶିବିରରେ ରୋଗ ନିରୁପଣ, ରକ୍ତ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ୪ଜଣ ଡାକ୍ତର ଉପସ୍ଥିତ ରହି ପରୀକ୍ଷା କରିଥିଲେ। ଜୟନଗରଠାରେ ୩୬୬ ଜଣ ଓ ପାରାବେଡାରେ ୩୪୭ ରୋଗୀ ଚିକିତ୍ସିତ ହୋଇଥିବା ଜଣାପଡିଛି।

## ଅବକାରୀ ଚଢ଼ାଉ

ଜୟପୁର, ୨୫।୮ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଜୟପୁର ଓ ବୈପାରିଗୁଡା ଅବକାରୀ ବିଭାଗ ଚଡାଉ ଚଡାଉ କରି ମଦ ଓ ପୋଚ ଜବତ କରି ନଷ୍ଟ କରିଛି। ମଦ ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଡାଉ କରାଯାଇଥିଲା। ଘଟଣା ସ୍ଥଳରୁ ସମ୍ପୃକ୍ତ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ମଦ ରନ୍ଧା ସରଞ୍ଜାମ, ଡ୍ରମ, ମାଟିହାଣ୍ଡି ଜବତ କରାଯାଇଥିବା ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ କହିଛନ୍ତି। ଚଡାଉରେ ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍‌ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାଝିଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

## କୋର୍ଟ ଜାରି କଲେ ନୋଟିସ

ସୁନାବେଡ଼ା,୨୫।୮ (ସ୍ୱ.ପ୍ର.)


NOTICE TO SHOW CAUSE
(GENERAL FORMS)

BY ORDER

### କାଉନସିଲରଙ୍କ ମିଥ୍ୟା ସତ୍ୟପାଠ ମାମଲା

ଗତ ପୌର ନିର୍ବାଚନ ସମୟରେ ସୁନାବେଡା ପୌର ପରିଷଦର ୧୪ ନଂ. ୱାର୍ଡର ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର କୁମାର ସେଠୀଙ୍କ ପକ୍ଷରୁ ମିଥ୍ୟା ସତ୍ୟପାଠ ଦାଖଲ ହୋଇଥିବା ଦର୍ଶାଇ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ଆଲୋକବାଳା ନାୟକ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ବିଜେଡି ପ୍ରାର୍ଥୀ ସେଠୀ ସତ୍ୟପାଠରେ ନିଜର ୨ଟି ସନ୍ତାନ ରହିଥିବା ଦର୍ଶାଇଥିଲେ। ମାତ୍ର ପ୍ରକୃତରେ ତାଙ୍କର ୩ଟି ସନ୍ତାନ ଥିବା ପରେ ଜଣାପଡିଥିଲା। ଏହାର ପ୍ରମାଣ ପୌର ପରିଷଦ ପକ୍ଷରୁ ଘୋଷଣା କରାଯାଇଥିବା ଭୋଟର ତାଲିକାରୁ ଜଣାପଡିଛି। ଚୂଡାନ୍ତ ଭୋଟର ତାଲିକାର କ୍ରମିକ ନଂ. ୧୪,୧୦୬ ଓ ୧୫୪ରେ ସେଠୀଙ୍କ ୩ଟି ପିଲାଙ୍କ ନାମ ରହିଛି। ପୂର୍ବରୁ ସେଠୀ ତାଙ୍କ ଚାକିରି କ୍ଷେତ୍ରରେ ରହିଥିବା ମେଡିକାଲ କାର୍ଡରେ ମଧ୍ୟ ୩ଟି ସନ୍ତାନ ଥିବା ନେଇ ଉଲେଖ ରହିଛି। ଏ ସମ୍ପର୍କରେ ଆଲୋକବାଳା କୋର୍ଟରେ ଆବେଦନ ପରେ ମାନ୍ୟବର ଅଦାଲତ ଆବେଦନକୁ ବିଚାର ପାଇଁ ଗ୍ରହଣ କରିଥିଲେ। ଏ ନେଇ ଅଦାଲତ ଜୁଲାଇ ୨୨ରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ନିର୍ବାଚନ ଅଧିକାରୀଙ୍କ ସମେତ ୫ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହ ବ୍ୟକ୍ତିଗତ ଭାବରେ ଆସନ୍ତା ସେପ୍ଟେମ୍ବର ୨ରେ କୋର୍ଟରେ ହାଜର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ସରକାରୀ ନିୟମ ଅନୁସାରେ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ପୌର ନିର୍ବାଚନ ଲଢିବା ମନା।

## ଶିକ୍ଷକ ପଦବୀ ପୂରଣ ନେଇ ଦାବିପତ୍ର

ଜୟପୁର, ୨୫।୮ (ନି.ପ୍ର.)

ଜୟପୁର ଲାଲାସାହିସ୍ଥିତ ପ୍ରାଥମିକ ବିଦ୍ୟାଳୟ ଓ ସାମନ୍ତରା ସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଲାଗି ଦାବି ହୋଇଛି। ଗୁରୁବାର କାଉନସିଲର ଶଶି ରେଖା ପରଜାଙ୍କ ନେତୃତ୍ୱରେ ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସାମନ୍ତରା ସାହିରେ ଜଣେ ଶିକ୍ଷୟିତ୍ରୀ ଥିବା ବେଳେ ଲାଲା ସାହି ସ୍କୁଲରେ ବିକ୍ରମ ନଗର ସ୍କୁଲକୁ ମିଶ୍ରଣ କରାଯାଇଥିଲେ ସୁଦ୍ଧା ଶିକ୍ଷକ ନିଯୁକ୍ତି ପ୍ରତି ପ୍ରଶାସନ ଗୁରୁତ୍ୱ ଦେଇନି। ଏହି ୨ ବିଦ୍ୟାଳୟର ୨ ଜଣ ପ୍ରଧାନଶିକ୍ଷୟିତ୍ରୀ ଅଛନ୍ତି। କୌଣସି ପ୍ରଶାସନିକ ବୈଠକ ହେଲେ ଦୁଇଜଣଙ୍କୁ ନିର୍ଦ୍ଦେଶ ଆସୁଛି। ୨ ଜଣ ବୈଠକକୁ ଯିବା ଫଳରେ ବିଦ୍ୟାଳୟରେ ଛାତ୍ରୀଛାତ୍ର ଉପସ୍ଥିତ ରହୁଥିବା ବେଳେ କୌଣସି ଶିକ୍ଷୟିତ୍ରୀ ରହୁ ନାହାନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଖେଳୁଥିବା ଦେଖିବାକୁ ମିଳୁଛି। ନିକଟରେ ଖଜୁରି ବନ୍ଧ ରହିଛି, କୌଣସି ଅଘଟଣ ହେଲେ କିଏ ଦାୟୀ ହେବେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସିଦ୍ଧାର୍ଥ ପାତ୍ର, ରାମ ମୁଦୁଲି ଉପସ୍ଥିତ ଥିଲେ।

## ବିଭିନ୍ନ କାର୍ଯ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ

ମାଲକାନଗିରି,୨୫।୮ (ଡି.ଏନ୍.ଏ.)

ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫଳରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ବିଗତ ୨ବର୍ଷ ଧରି କୋଭିଡ୍ ମହାମାରୀ ଯୋଗୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। କୋଭିଡ୍ କଟକଣା ପରେ ରାଜ୍ୟ ସରକାର ବିଦ୍ୟାଳୟ ଖୋଲିବା ଓ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେଇ ଗତ ୨ ବର୍ଷ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରୀଙ୍କୁ ଅଧିକ ସମୟ ଦେଇ କିପରି ଶିକ୍ଷାର ଅଗ୍ରଗତି କିପରି କରିହେବ ସେନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶିକ୍ଷାଦାନ କୌଶଳ ତାଲିମ ପ୍ରଦାନ କରାଯାଇଥିଲା। ଏବେ ମାତ୍ର ୪ମାସ ବିଦ୍ୟାଳୟ ଖୋଲା ହୋଇଛି। ତେବେ ମାଲକାନଗିରି ଜିଲାରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଛି।

### ଶିକ୍ଷାଦାନ ବାଧାପ୍ରାପ୍ତ

ଏହା ଜିଲା ଶିକ୍ଷାଧିକାରୀ ଏବଂ ସର୍ବଶିକ୍ଷା ଅଭିଯାନର ଜିଲା ଅଧିକାରୀଙ୍କ ଚିଠିରୁ ଜଣାପଡ଼ିଛି। ଏବେ କେନ୍ଦ୍ର ଓ ରାଜ୍ୟ ସରକାର ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ସଂଯୋଗୀକରଣ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ଶିକ୍ଷକମାନଙ୍କୁ କରିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଶିକ୍ଷକମାନେ ଅଗଷ୍ଟ ୧ରୁ ଏହି କାର୍ଯ୍ୟ କରି ଆସୁଛନ୍ତି। ୧୯ ତାରିଖରେ ଆସିଥିବା ଜିଲା ଶିକ୍ଷାଧିକାରୀଙ୍କ ଚିଠିରେ ଉଲ୍ଲେଖ ରହିଛି ଯେ, ଏହି କାର୍ଯ୍ୟ କରିବାରେ ଶିକ୍ଷକମାନେ ଅବହେଳା କରୁଛନ୍ତି। ତେଣୁ ଶିକ୍ଷକମାନେ ତୁରନ୍ତ ଏହି କାର୍ଯ୍ୟ ଶେଷ କରିବା ପାଇଁ ଗୁରୁତ୍ୱ ଦେବାକୁ ଜିଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି କରାଯାଇଛି। ଏହାର ସଂଖ୍ୟା ୩୬୧୧/୧୯।୮।୨୨। ଶିକ୍ଷକମାନେ ଘର ଘର ବୁଲି ଏହି କାର୍ଯ୍ୟ କରିବେ। ତେବେ ଜିଲା ଶିକ୍ଷାଧିକାରୀଙ୍କ ଏହି ଚିଠି ପୂର୍ବରୁ ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଗତ ୧୬ ତାରିଖରେ ଶିକ୍ଷକମାନଙ୍କ ୫ ଦିନିଆ ତାଲିମ କାର୍ଯ୍ୟକ୍ରମ ପାଇଁ ଚିଠି କରାଯାଇଛି। ଶିକ୍ଷକମାନେ ବର୍ତ୍ତମାନ ଏହି ତାଲିମ ନେଉଛନ୍ତି। ଜଣେ ଛାତ୍ରୀ କିମ୍ବା ଛାତ୍ର ନିଜର ମାତୃଭାଷା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଶିକ୍ଷା କିପରି ଲାଭ କରିବ ତାହା ହେଉଛି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏତଦ୍‌ବ୍ୟତୀତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ମଧ୍ୟାହ୍ନଭୋଜନ ସାମଗ୍ରୀ ଖରିଦ କରିବା, ଛାତ୍ରାବାସ ପରିଚାଳନା ଏବଂ ଜରୁରୀ କାର୍ଯ୍ୟରେ ବ୍ଲକ ଶିକ୍ଷାଧିକାରୀ କିମ୍ବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡିଥାଏ। ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶାସନ ଏପରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କଲେ ପିଲାଙ୍କ ୨ବର୍ଷର ପାଠର କିପରି ଭରଣା ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ପ୍ରଜା କୋର୍ଟରୁ ଦଣ୍ଡ ନ ପାଇ ଫେରିଲେ ପୂର୍ବତନ ମାଓବାଦୀ ଜୀବନ

ମାଲକାନଗିରି,୨୫।୮ (ଡି.ଏନ୍.ଏ.)



ମାଓବାଦୀଙ୍କ ପ୍ରଜା କୋର୍ଟରୁ ଜୀବନ ଧରି ଫେରିଆସିଛନ୍ତି ଜଣେ ପୂର୍ବତନ ମାଓବାଦୀ ଏବଂ ଅନ୍ୟ କେତେ ଜଣ ଯୁବକ। ଏଭଳି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସୀମାନ୍ତ ତେଲେଙ୍ଗନାରେ। ଏନେଇ ମାଓବାଦୀମାନେ ଘଟଣାର ଏକ ଭିଡିଓ ମଧ୍ୟ ଜାରି କରିଛନ୍ତି। ଯୁବକମାନେ ଜୀବନ ଧରି ଫେରି ଆସିଥିବାରୁ ଏହି ଅଞ୍ଚଳରେ ଖୁସିର ବାତାବରଣ ଖେଳିଯାଇଛି।

ଖବରରୁ ଜଣାପଡିଛି, ଅଗଷ୍ଟ ୨୦ରେ ଛତିଶଗଡର ସୁକ୍‌ମା ଏବଂ ତେଲେଙ୍ଗାନାର ସୀମାନ୍ତବର୍ତ୍ତୀ କିଷ୍ଟାରାମର ଏଟୁପାକା ଗ୍ରାମରୁ ପୋଲିସ ସୂଚନାଦାତା ସନ୍ଦେହରେ କେତେ ଜଣ ଯୁବକଙ୍କ ସହ ଜୀବନ ନାମକ ଜଣେ ପୂର୍ବତନ ମାଓବାଦୀଙ୍କୁ ମାଓବାଦୀମାନେ ଅପହରଣ କରି ନେଇଥିଲେ। ସେମାନଙ୍କୁ ତେଲେଙ୍ଗାନାର ଭଦ୍ରାଦି ଜିଲାର ଏକ ଜଙ୍ଗଲରେ ତିନି ଦିନ ଧରି ରଖି ମାଓବାଦୀମାନେ ବିଭିନ୍ନ ବିଷୟରେ ପଚରାଉଚରା କରିଥିଲେ। ପରେ ଜଙ୍ଗଲରେ ପ୍ରଜାକୋର୍ଟ ହୋଇଥିଲା। ପ୍ରଜା କୋର୍ଟରେ ଆଖପାଖ ଅଞ୍ଚଳର ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଏହି ଯୁବକଙ୍କର ଆଚରଣ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ପୂର୍ବତନ ମାଓବାଦୀ ଜୀବନଙ୍କ ସମ୍ପର୍କରେ ଗ୍ରାମବାସୀ କହିଥିଲେ ଯେ, ସେ ଏପରି କୌଣସି ଅପରାଧ କରିନାହାଁନ୍ତି, ଯେଉଁଥିରେ ତାଙ୍କୁ ମୃତ୍ୟୁଦଣ୍ଡ ମିଳିବ। ଶେଷରେ ମାଓବାଦୀମାନେ ଜୀବନଙ୍କ ସହ ଅନ୍ୟଯୁବକ ମାନଙ୍କୁ କିଛି ଦଣ୍ଡ ନ ଦେଇ ସେମାନଙ୍କ ଗ୍ରାମକୁ ବଠାଇ ଦେଇଥିଲେ। ଏନେଇ ମାଓବାଦୀ ମାନେ ତେଲୁଗୁ ଭାଷାରେ ଏକ ଭିଡିଓ ଜାରି କରିଛନ୍ତି। ଏଥିରେ ପୂର୍ବତନ ମାଓବାଦୀ ଜୀବନ କହୁଛନ୍ତି ଯେ, ତାଙ୍କୁ ୪ ଦିନ ଧରି ମାଓବାଦୀମାନେ ବନ୍ଧକ ରଖିଥିଲେ। ସେମାନେ ମୋ ସହ କଥା ହୋଇଥିଲେ। ମୁଁ ମଧ୍ୟ ସେମାନଙ୍କ ସହ କଥା ହୋଇଥିଲି। ମୁଁ କହିଥିଲି ଯେ, ଆଉ ହିଂସାର ବାଟକୁ ଯିବିନାହିଁ। ତେବେ ଜୀବନଙ୍କୁ ପୋଲିସରେ ଯୋଗ ଦେଇ ସେମାନଙ୍କ ସହ କାମ କରିବାକୁ ମାଓବାଦୀମାନେ ବାରଣ କରିଥିବା ସେ କହିଛନ୍ତି। ପରେ ମାଓବାଦୀମାନେ ଜୀବନଙ୍କ ସହ ଅନ୍ୟ ଯୁବକମାନଙ୍କୁ ସୁରକ୍ଷିତ ଭାବେ ଛାଡି ଦେଇଛନ୍ତି। ଏନେଇ ବସ୍ତର ପୋଲିସ ଏସପି ସୁନ୍ଦରରାଜ ପିଙ୍କୁ ପଚାରିବାରୁ ସେ କହିଥିଲେ ଏନେଇ ତାଙ୍କ ନିକଟରେ କୌଣସି ଖବର ନାହିଁ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ କରି ବିବାହିତ ଯୁବକ ଗିରଫ

ପାପଡାହାଣ୍ଡି, ୨୫।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ମଇଦଲପୁର ପଞ୍ଚାୟତ ଡଙ୍ଗରିଗୁଡାଠାରେ ଜଣେ ନାବାଳିକାଙ୍କୁ ଅପହରଣ କରି ବିବାହିତ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି । ଗିରଫ ଯୁବକ ହେଲେ ମୈଦଲପୁର ପଞ୍ଚାୟତ ଚରାମୂଳା ଗ୍ରାମର ମାନସିଂ ହରିଜନ (୨୨) । ସୂଚନା ମୁତାବକ ନାବାଳିକା ଜଣକ ଅଗଷ୍ଟ ୮ରୁ ନିଖୋଜ ଥିଲେ। ଏ ନେଇ ତାଙ୍କ ମା ଥାନାରେ ଏତଲା ଦେଇଥିଲେ। ବୁଧବାର ସନ୍ଧ୍ୟାରେ ନାବାଳିକା ସହ ଯୁବକ ଜଣକ ରହିଥିବା ପୋଲିସ ଖବରପାଇ ଥାନାରେ ଆଣି ପଚରା ଉଚରା କରିଥିଲେ। ଯୁବକ ଜଣକ ତାଙ୍କୁ ମାଲକାନଗିରି ନେଇଥିବା ନାବାଳିକା ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନମ୍ବର ୧୩୧/୨୨ରେ ମାମଲା ରୁଜୁ କରି ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ଏସ୍ଆଇ ଶିବାଜି ପଣ୍ଡା ଏହାର ତଦନ୍ତ କରୁଛନ୍ତି।

### ପୌର ପରିଷଦ ପକ୍ଷରୁ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା

ସୁନାବେଡା,୨୫।୮(ସ୍ୱ.ପ୍ର.)-ସୁନାବେଡ଼ା ପୌର ପରିଷଦ କଲ୍ୟାଣ ମଣ୍ଡପଠାରେ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ପାଇଁ ଅନ୍ତଃ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକଶିତ ହୋଇପାରିବ। ସେହିପରି ଉପାଧ୍ୟକ୍ଷା ରତୁ କଣ୍ଟା ଏଭଳି କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା ଯୋଗଦେଇ ଏପରି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବ ବୋଲି କହିଥିଲେ। ଏହାକୁ ଶେଖ ଇବ୍ରାହିମ ସଂଯୋଜନା କରିଥିଲେ। ଶେଷରେ ହୋଇଥିବା ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯାଇଥିଲା। ବିଜ୍ଞାନ ପ୍ରଦର୍ଶନରେ ସିନିୟର ବିଭାଗରେ ୪ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଥିବା ବେଳେ ଜୁନିୟର ବିଭାଗରେ ୩ ଜଣ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିଲେ । ସେହିଭଳି ବକ୍ତୃତା ପ୍ରତିଯୋଗିତାରେ ସିନିୟର ବିଭାଗରେ ୩ ଜଣ ଓ ଜୁନିୟର ବିଭାଗରେ ୩ ଜଣ ଛାତ୍ରୀଛାତ୍ର, ଚିତ୍ରାଙ୍କନରେ ସିନିୟର ବିଭାଗରେ ୩ ଜଣ ଏବଂ ଜୁନିୟର ବିଭାଗରେ ୩ ଜଣ, ପ୍ରବନ୍ଧରେ ସିନିୟର ବିଭାଗରେ ୩ ଜଣ ଓ ଜୁନିୟର ବିଭାଗରେ ୩ ଜଣ ଛାତ୍ରୀଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କାର୍ଯ୍ୟରେ ଯୋଗଦେଲେ ନୂତନ ସିଡିପିଓ



ତେନ୍ତୁଲିଖୁଣ୍ଟି, ୨୫।୮(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଭାବେ ସୁରମା ମହାପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ନୟାଗଡ଼ ଜିଲ୍ଲା ଡିଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟ ପ୍ରୋଗ୍ରାମ ଅଫିସର ଭାବେ କାର୍ଯ୍ୟରତ ଥିଲେ। ପ୍ରକାଶ ଯେ, ତେନ୍ତୁଲିଖୁଣ୍ଟି ସିଡିପିଓ ବିନୋଦିନି ପଟ୍ଟନାୟକ ଅବସର ନେବା ପରେ ଦୀର୍ଘ ୭ମାସ ହେବ ବିଡିଓ ଦୁର୍ଯ୍ୟୋଧନ ଭୋଇ ଏହି ଦାୟିତ୍ୱରେ ଥିଲେ।

# ନଷ୍ଟ ହୋଇଛି ୧୦୫.୯୦ ଏକର ଜମିର ଫସଲ

**କପସାଭଟାରେ ମକା ଫସଲ ନଷ୍ଟ ଓ ଘର ପୋଡି ଘଟଣା**

- ଘଟଣାସ୍ଥଳକୁ ଯାଇ ତଦନ୍ତ କଲା ଟିମ୍
- କ୍ଷତି ହୋଇଥିବା ଜମିର ପଟ୍ଟା କାହା ନାମରେ ନ ଥିବା ସ୍ପଷ୍ଟ କଲେ ଅଧିକାରୀ

ଉମରକୋଟ, ୨୫।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବୁର୍ଜା ପଞ୍ଚାୟତ କପସାଭଟା ଗ୍ରାମରେ ସଂରକ୍ଷିତ ଜଙ୍ଗଲ ଜମି ଅଧିଗ୍ରହଣକୁ ନେଇ ମକା ଫସଲ ନଷ୍ଟ ଓ ଘର ପୋଡି ଘଟଣାରେ ଉଚ୍ଚସ୍ତରୀୟ ଅନୁସନ୍ଧାନ ପାଇଁ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ମୋଟ ୧୦୫.୯୦ ଏକର ମକା ଫସଲ ନଷ୍ଟ ହୋଇଥିବା ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ ସୂଚନା ଦେଇଛନ୍ତି। ତେବେ କ୍ଷତି ହୋଇଥିବା ଜମିର ପଟ୍ଟା କାହା ନାମରେ ନ ଥିବା ତହସିଲଦାର ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ କପସାଭଟା, ସାରିଆଭଟା, ଲକଟିପକନା ଆଦି ଗ୍ରାମକୁ ରାସ୍ତା, ବିଦ୍ୟାଳୟ, ନଳକୂପ, ପେନସନ, ରାସନ କାର୍ଡ ଅଛିକି ନାହିଁ ତାହା ତଦାରଖ କରିବା ସହ ସେମାନଙ୍କୁ ସମସ୍ତ ସରକାରୀ ସୁବିଧା ମିଳୁଛି କି ନାହିଁ ସେ ନେଇ ଅନୁଧ୍ୟାନ କରିଛନ୍ତି। ବିଦ୍ୟାଳୟରେ



ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ପାଠପଢା କିପରି ଚାଲିଛି, ଶିକ୍ଷକମାନେ ନିୟମିତ ଭାବରେ ସ୍କୁଲ କୁ ଆସୁଛନ୍ତି କି ନାହିଁ ଏହି ସବୁ ଦିଗ କୁ ନେଇ ତଦାରଖ କରିଥିଲା ଟିମ୍ ଯୁଗ୍ମ ଟିମ। ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦିଆଯିବ, ସେମାନେ ଯାହା ନିଷ୍ପତି ନେବେ ବୋଲି ଅରସିଥିବା ଅଧିକାରୀମାନେ କହିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ, ଉମରକୋଟ ଥାନା ସବ୍‌ଇନ୍ସପେକ୍ଟର ଖଗେଶ୍ୱର ଖୋସଲା, ଉମରକୋଟ ବିଡିଓଙ୍କ ପ୍ରତିନିଧି ଭାବେ ବ୍ଲକ ପଞ୍ଚାୟତ ନିର୍ବାହୀ ଅଧିକାରୀ ପୁନିତ୍ ରାମ ଗଣ୍ଡ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିକିରାମ ଚନ୍ଦ୍ରକାର, ଜିଲା କୃଷି ଅଧିକାରୀ ବିଜୟ କୁମାର ପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ ବିଧୂଭୂଷଣ ମହାକୁଳ, ରାଜସ୍ୱ ପରିଦର୍ଶକ ଅନିଲ ଦାସ ପ୍ରମୁଖ ପରିଦର୍ଶନରେ ଆସିଥିଲେ।



ବିଧାୟକ ଲୋକଙ୍କୁ ମାସ୍କ ପ୍ରଦାନ କରୁଛନ୍ତି।

# ଲୋକଙ୍କ ସମସ୍ୟା ବୁଝିଲେ, ସହାୟତା ଦେଲେ

**ଝାଡ଼ାବାନ୍ତି ଆକ୍ରାନ୍ତ ଗ୍ରାମରେ ବିଧାୟକ।**

ତେନ୍ତୁଲିଖୁଣ୍ଟି, ୨୫।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ଲମତାଗୁଡ଼ା ପଞ୍ଚାୟତର ପୋଆଉଁଳି ଓ ପୂଜାରୀଗୁଡା ପଞ୍ଚାୟତର ଖୁଣ୍ଟିପଦର ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସମସ୍ୟା ବୁଝିଛନ୍ତି ବିଧାୟକ ସଦାଶିବ ପ୍ରଧାନୀ। ସେ ଲୋକଙ୍କ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଆକ୍ରାନ୍ତଙ୍କୁ ମାସ୍କ, ସାବୁନ, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ମେଡିକାଲ ଟିମ୍ ସହିତ ଆଲୋଚନା କରି ଉତ୍ତମ ସ୍ୱାସ୍ଥ୍ୟସେବା ଓ ଅନ୍ୟ ସୁବିଧା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ତେନ୍ତୁଲିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇ, ବ୍ଲକ ଅଧ୍ୟକ୍ଷା ନିଲେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ଜିଲା ବିଜେଡି ସମ୍ପାଦକ ସୁଧୀର ଖୁରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତନୟ ସାଗର ନାୟକ, ବିଜେଡି ଯୁବନେତା ଗୋଲକ ନାୟକ, ବାବୁନି ନାୟକ, ଲଛମନ ମାଝି, ହରିଶ୍ଚନ୍ଦ୍ର ନାୟକ, ତୀର ନାଗ, ଟୁନା ନାଗ, ପୂର୍ବତନ ସମିତି ସଭ୍ୟ ସୁରେଶ ନାୟକ ମେଡିକାଲ ଟିମ୍ ଓ ବିଜୁ ଜନତା ଦଳର ଅନେକ କର୍ମୀ ଉପସ୍ଥିତ ଥିଲେ।

# ମଧ୍ୟାହ୍ନଭୋଜନ ପାଇଁ କାଠ କାଟିବାବେଳେ ଫାଟିଲା ଛାତ୍ରଙ୍କ ମୁଣ୍ଡ

- ପିଲାଙ୍କୁ ସ୍କୁଲ କାମରେ ଲଗାଯାଉଥିବା ଅଭିଯୋଗ କଲେ ଅଭିଭାବକ, ଗ୍ରାମବାସୀ
- ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରା ନ ଗଲେ ଆନ୍ଦୋଳନ ଚେତାବନୀ

ତେନ୍ତୁଲିଖୁଣ୍ଟି, ୨୫।୮(ଡି.ଏନ୍.ଏ.)

ସ୍କୁଲ ଛାତ୍ରୀଛାତ୍ରଙ୍କୁ କାମ କରାଉଛନ୍ତି ଶିକ୍ଷୟିତ୍ରୀ। କାମ କରିବାବେଳେ ଜଣେ ଛାତ୍ର ଆହତ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ଓ ଅଭିଭାବକ। ନବରଙ୍ଗପୁର ଜିଲା କୁକୁଡ଼ାବାଇ ପଞ୍ଚାୟତ ଗବାଗୁଡ଼ା ସ୍କୁଲରେ ଏପରି ଘଟଣା ଘଟିଛି।

ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ପିଲାମାନଙ୍କୁ କାମରେ ଲଗାଉଥିବା ସେମାନେ ଅଭିଯୋଗ କରିଛନ୍ତି। ବୁଧବାର ସମ୍ପୃକ୍ତ ଶିକ୍ଷୟିତ୍ରୀ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ରୋଷେଇ କରିବା ପାଇଁ କାଠ ଆଣିବାକୁ କହିଥିଲେ। ପିଲାମାନେ କାଠ ଭାଙ୍ଗିବା ସମୟରେ କାଠ ବାଜି ଜଣେ ଛାତ୍ରଙ୍କ ମୁଣ୍ଡ ଫାଟିଯାଇଛି। ଏହି ଘଟଣାରେ ଅନ୍ୟ ଛାତ୍ରୀ ଆହତ ହୋଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କ ପରିବାର ଲୋକଙ୍କୁ ଡାକି ପିଲାଙ୍କୁ ମେଡିକାଲ ନେବାକୁ କହିଥିଲେ ବୋଲି ଅଭିଯୋଗ ହୋଇଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆହତ ଛାତ୍ରୀଛାତ୍ରଙ୍କ ଅଭିଭାବକ, ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିର୍ମଳ କନପାନ ଓ ଦେବକାନ୍ତ ପଣ୍ଡା ଦାବି କରିଛନ୍ତି। ଘଟଣା ସମ୍ପର୍କରେ ନବରଙ୍ଗପୁର ଡିଇଓ, ନବରଙ୍ଗପୁର ଜିଲାପାଳ, ତେନ୍ତୁଲିଖୁଣ୍ଟି ବିଇଓଙ୍କୁ ଜଣାଇଛନ୍ତି। ଯଦି ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତା'ହେଲେ ଡିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଏବିଇଓ ମୋହନ ମଧୁସୂଦନ ବାଗ୍‌ଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି। ସିଆର୍‌ସିସିଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଘଟଣାସ୍ଥଳକୁ ଯାଇ ନିଜେ ତଦନ୍ତ କରିବେ ବୋଲି ସେ କହିଛନ୍ତି।

# ସମୟ ଭିତରେ ନିର୍ଦ୍ଦେଶ ପାଳନ ଦାବି



**ଉମରକୋଟ ବିଡିଓଙ୍କୁ ଦାବିପତ୍ର**

ନବରଙ୍ଗପୁର,୨୫।୮(ବି.ପ୍ର.)

ଉମରକୋଟ ବିଡିଓଙ୍କୁ ମକା ଫସଲ କ୍ଷତିଗ୍ରସ୍ତମାନେ ଦାବିପତ୍ର ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ସମୟସୀମା ମଧ୍ୟରେ ପାଳନ କରିବାକୁ ଦାବି ହୋଇଛି। କପସାଭଟା, ସାରିଆଭଟା, ସେମାଲଧରା ଓ ଲାକଟିପକନା ଗାଁର ୧୦୦ ଏକରରୁ ଊର୍ଦ୍ଧ୍ୱ ମକା ଫସଲ ବନସୁରକ୍ଷା ସମିତି ପକ୍ଷରୁ ନଷ୍ଟ କରରାଯିବା ପରେ ୪ ଖଣ୍ଡ ଗ୍ରାମବାସୀ, ରାଷ୍ଟ୍ରୀୟ କିଷାନ ମଜଦୁର ମହାସଂଘ ଓ ଜିଲା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। କ୍ଷତିଗ୍ରସ୍ତ ୪ଟି ଗାଁରେ ଜଙ୍ଗଲ ଜମି ସ୍ୱତ୍ୱାଧିକାର ନିୟମ ୨୦୦୫ ଅନୁଯାୟୀ କମିଟି ଗଠନ କରାଯାଇ ସମସ୍ୟାର ସମାଧାନ କରାଯିବାକୁ ଆଇଟିଡିଏ ପିଏ ଉମରକୋଟ ବିଡିଓଙ୍କୁ ୨୨ ତାରିଖରେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ସମୟସୀମା ମଧ୍ୟରେ ତୁରନ୍ତ ପାଳନ କରିବାକୁ ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଆଦିବାସୀ ଅଧିକାର ମଞ୍ଚ ଜିଲା ସଭାପତି ରାଜେଶ ଜାନି, ଆଦିବାସୀ ଜନଜାତି ଅଧିକାର ମଞ୍ଚ ଅଧ୍ୟକ୍ଷା ହରବତୀ ଗଣ୍ଡଙ୍କ ସମେତ ଗ୍ରାମବାସୀ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବ ଯାତ୍ରା କାର୍ଯ୍ୟକ୍ରମ

ଦଶମନ୍ତପୁର,୨୫।୮ ( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ବଦଳି କୁଡୁମା ଗ୍ରାମ ଆମ୍ବତୋଟାରେ ଗୁରୁବାର କଂଗ୍ରେସ ପକ୍ଷରୁ ତ୍ୟାଗ ଓ ବଳିଦାନର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତାର ଗୌରବ ପଦଯାତ୍ରା ପାଳନ କରାଯାଇଛି। ବ୍ଲକ ସଭାପତି ବେଣୁଧର ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂଗ୍ରେସର ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଜିଲା ମହିଳା କଂଗ୍ରେସ ସଭାପତ ନଳିନୀ ରଥ, କାଉନସିଲର ମମତା ବିଶ୍ୱାଳ, କେ. ଅରୁଣା, ଯୁବ କଂଗ୍ରେସର ରମେଶ ଚିନୁ, ପବିତ୍ର ସାଉନ୍ତା, ବ୍ଲକ ଉପ ସଭାପତ ଲୋଚନ ବିଶୋୟୀ, ଯୁବକଂଗ୍ରେସ ସଭାପତି ଅଶୋକ ଖୋସ୍‌ଲା, ବରିଷ୍ଠ କଂଗ୍ରେସ ନେତା ଦିଲୀପ ବାଘ, ଲକ୍ଷ୍ମୀପୁର ବ୍ଲକ ସଭାପତି କୈଳାସ ଚନ୍ଦ୍ର ଖୋସ୍‌ଲା, ସମ୍ପାଦକ ମୋହନ ପାତ୍ର ହିଆଲ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ବଦଳିକୁଡୁମା ଗ୍ରାମର ରହିଲା ନାୟକ, ଖଗପତି ନାୟକ ଏବଂ ଚନ୍ଦ୍ର ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ମୀନାକ୍ଷୀ ବାହିନୀପତି କହିଥିଲେ, କଂଗ୍ରେସ ଦଳକୁ ବାଦ୍ ଦେଲେ ଅନ୍ୟ ଦଳୀୟ ନେତାମାନେ ବେରୋଜଗାର ଯୁବ ପିଢ଼ିଙ୍କୁ ପେନ୍ ଧରାଇବା ପରିବର୍ତ୍ତେ ବନ୍ଧୁକ ଧରାଉଛନ୍ତି। ନାରୀଙ୍କୁ ନିର୍ଯାତନା ଦେବା ଭଳି ଘଟଣା ଘଟାଇ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି। ପରେ ଅତିଥି ଏବଂ କର୍ମୀମାନେ ବଦଳିକୁଡୁମାରୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ।

# ସ୍ୱାସ୍ଥ୍ୟ, ସୁରକ୍ଷା, ସଫେଇ କର୍ମୀ ସମ୍ମାନିତ




ତିଲୋଣ୍ଡି ସବ୍ ସେଣ୍ଟର କର୍ମଚାରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ଉମରକୋଟ, ୨୫।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ଅଭୟ କୁମାର ଦେଙ୍କ ପ୍ରଚେଷ୍ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତ ଦାନ ଶିବିରରେ ୧୫୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ ଅଧ୍ୟକ୍ଷା ସୁଶିଳା ମାଝି, ବ୍ଲକ ଉପାଧ୍ୟକ୍ଷ ଶ୍ୟାମଲ ସରକାର, ୧ନଂ. ଜୋନ ଜିଲା ପରିଷଦ ସଦସ୍ୟ ଚନ୍ଦନ ରାୟ, ଭାମିନି ସରପଞ୍ଚ ମାଳତୀ ମାଝି, ଭାମିନି ସମିତିସଭ୍ୟ ଚମ୍ପାବତୀ ମାଝି, ବରିଷ୍ଠ ଭାଜପା ନେତା ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ବିଜେଡ଼ି ନେତା ଦେବୀ ସିଂ ମାଝି, ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହେଇଥିବା ୪ଟି କ୍ୟାମ୍ପରୁ ୮୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ଯେଉଁ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ ସେମାନଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଷ୍କାର କରୁଥିବା କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ପାଞ୍ଚ ଜଣ ଆଶା କର୍ମୀ ବୁଦୁନି ସାନ୍ତା, ଧନଦେଇ ଭତ୍ରା, ଲଳିତା ହରିଜନ, ମିନତୀ ଅଞ୍ଜଳି ନାୟକ, ବାସନ୍ତୀ ପନକାଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। କାୟାକଳ୍ପ ପ୍ରତିଯୋଗିତାରେ ୩୯ଟି ସବ୍‌ସେଣ୍ଟର ମଧ୍ୟରୁ ୧୨ଟି ସବ୍‌ସେଣ୍ଟର ଭାଗ ନେଇଥିଲେ। ସବୁ ସବ୍‌ସେଣ୍ଟର ଉତ୍ତୀର୍ଣ୍ଣ ହେଇଥିଲେ। ଉକ୍ତ ସବ୍‌ସେଣ୍ଟରକୁ ୨୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପାଇବାରେ ଯେଉଁ କର୍ମୀ ମାନେ ସହଯୋଗ କରିଥିଲେ ସେମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା।

# ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୁଗୁଡ଼ା,୨୫।୮(ଡି.ଏନ୍.ଏ.)

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଘୋଡ଼ାପଡା ଗ୍ରାମର ଅବିବାହିତା ମହିଳା କନକ ସ୍ୱାଇଁ (୪୨)ଙ୍କ ପୋଖରୀରେ ବୁଡିଯାଇ ମୃତ୍ୟୁ ହୋଇଛି। ଗୁରୁବାର ସକାଳେ ସେ ଗାଁର କରଣ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତଃ ପୋଖରୀରେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଭାଉଜ ପଙ୍କଜ ସ୍ୱାଇଁଙ୍କ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ କେସ୍ ନଂ ୨୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

# ୩ ବର୍ଷ ହେବ ଚାଉଳ ନେଇଛି ଭୂତ

**ମୃତ ହିତାଧିକାରୀଙ୍କ ନାମରେ ଚାଉଳ, ସହାୟତା ରାଶି ଉଠାଯାଇଥିବା ଅଭିଯୋଗ**

ତେନ୍ତୁଲିଖୁଣ୍ଟି, ୨୫।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତରେ ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ଚାଉଳ ବଣ୍ଟନରେ ଅନିୟମିତତା ହେଉଛି। ଉକ୍ତ ଯୋଜନାରେ ମୃତ ହିତାଧିକାରୀଙ୍କ ନାମରେ ମଧ ଚାଉଳ ଉଠୁଛି। ଏପରିକି କୋରନା ସମୟରେ ଆସିଥିବା ସହାୟତା ଟଙ୍କା ମଧ ଉଠାଯାଇଛି ବୋଲି ଜଣେ ମୃତ ହିତାଧିକାରୀଙ୍କ ପରିବର ଲୋକେ ଅଭିଯୋଗ କରିଛନ୍ତି। ୩ବର୍ଷ ହେବ ଏପରି କରାଯାଉଛି ବୋଲି ଅଭିଯୋଗ ହୋଇଛି। ବିନା ଆଧାରକାର୍ଡ ଓ ଫିଙ୍ଗର ପ୍ରିଣ୍ଟରେ ଚାଉଳ କିପରି ଉଠାଯାଇଛି ବୋଲି ଅଭିଯୋଗକାରୀମାନେ ପ୍ରଶ୍ନ କରିଛନ୍ତି।

ବିନା ଆଧାର କାର୍ଡ ଓ ଫିଙ୍ଗର ପ୍ରିଣ୍ଟରେ ଚାଉଳ ଦିଆ ଯାଉ ନ ଥିବାରୁ ବିଭିନ୍ନ ପଞ୍ଚାୟତରେ ରୁଗ୍‌ଣ ତଥା ବୃଦ୍ଧାବୃଦ୍ଧ ହିତାଧିକାରୀ ନିଜ ହକ୍ ପାଇବାରୁ ବଞ୍ଚିତ ହେଉଥିବାବେଳେ ପୂଜାରୀଗୁଡ଼ାରେ ଏହାର ବ୍ୟତିକ୍ରମ ଘଟିଛି। ମୃତା ଜେଜେ ମା' ଭାନୁମତି ବିଷୋୟୀଙ୍କ କାର୍ଡ ନଂ. ୨୩୦୯୧୪୧୦୫୪୯ରେ ୩ବର୍ଷ ହେବ ଚାଉଳ ଉଠାଯାଉଛି। ଏହା ସହ ସରକାର ଦେଇଥିବା କରୋନା ସହାୟତା ରାଶି ମଧ ଉଠାଯାଇଛି ବୋଲି ତାଙ୍କ ନାତି ଚୁଡ଼ା ବିଷୋୟୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଯୋଗାଣ ସହାୟକଙ୍କୁ ପଚାରିବାରୁ ଭାନୁମତି ବିଷୋୟୀଙ୍କ ଚାଉଳ ପ୍ରତି ମାସରେ ପ୍ରଦାନ କରୁଛି ବୋଲି କହିଥିବା ଚୁଡା ପ୍ରକାଶ କରିଛନ୍ତି। ଜେଜେ ମା'ଙ୍କ ଚାଉଳ ଓ କରୋନା ପାଇଁ ଆସିଥିବା ସାହାଯ୍ୟ ଟଙ୍କାକୁ କିଭଳି ଅନ୍ୟ କେହି ଆସି ନେଉଛନ୍ତି ତାହା ଆଶ୍ଚର୍ଯ୍ୟକର ବୋଲି ଚୁଡା କହିଛନ୍ତି। ଘଟଣା ସମ୍ପର୍କରେ ଚୁଡା ସ୍ଥାନୀୟ ଅଞ୍ଚଳର କେତେଜଣ ସଚେତନ ଯୁବକଙ୍କୁ କହିଥିଲେ। ସେମାନେ ସମସ୍ତେ ଯୋଗାଣ ଅଧିକାରୀ ରୋହିତ ମାଝିଙ୍କୁ ଯୋଗାଯୋଗ କରିଥିଲେ। ଘଟଣାର ଯାଞ୍ଚ କରାଯାଉଛି ବୋଲି ସେ କହିଥିଲେ। ଯୋଗାଣ ସହାୟକଙ୍କୁ ମୃତକଙ୍କ ତାଲିକା ମାଗୁଛି କିନ୍ତୁ ସେ ଦେଇନାହାନ୍ତି। ଏ ନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ଯୋଗାଣ ଅଧିକାରୀ ରୋହିତ ମାଝି କହିଛନ୍ତି। ପଞ୍ଚାୟତରେ ମୃତ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ ନ ହେବାର କାରଣ କ'ଣ ଓ ଏହାପାଇଁ କିଏ ଦାୟୀ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ଅଁଳାଭଟ୍ଟାରେ ଚାଉଳ ହଡ଼ପ ଭଳି ଏହା ମଧ ଏକ ଦୁର୍ନୀତି। ଏଣୁ ତୁରନ୍ତ ସମଗ୍ର ପଞ୍ଚାୟତ ସମିତିର ଖାଦ୍ୟ ସୁରକ୍ଷା ଆଇନ ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ଯାଞ୍ଚ କରି ଗଡ଼ବଡ଼ କରିଥିବା ଦୋଷୀଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପରେ ସ୍କୁଲ ଗଲେ ଛାତ୍ରୀଛାତ୍ର

- ରୋଷେଇ ଖର୍ଚ୍ଚ ପ୍ରଦାନରେ ଅନିୟମିତତା ଅଭିଯୋଗ କରିଥିଲେ ଅଭିଭାବକ
- ବଦଳି ଦାବିକରି ସ୍କୁଲ ବର୍ଜନ କରିଥିଲେ ଛାତ୍ରୀଛାତ୍ର

ଉମରକୋଟ, ୨୫।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସାନଭରଣ୍ଡି ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସଙ୍କୁ ବିଇଓ ବିକାଶ ଚନ୍ଦ୍ର ସରକାର ବଦଳି କରିଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପତ୍ର ସଂଖ୍ୟା ୨୮୩୪/ ୨୪/୮/୨୨ ଅନୁଯାୟୀ ଗୀତାଞ୍ଜଳି ଦାସଙ୍କୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼କୁମାରୀକୁ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ବଦଳି କରାଯାଇଛି। ସାନଭରଣ୍ଡି ବିଦ୍ୟାଳୟରେ ବର୍ତ୍ତମାନ କୌଣସି ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ଯାଇନାହିଁ। ସେଠାରେ ସ୍କୁଲର ବରିଷ୍ଠ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିବା ପାଇଁ ଚିଠିରେ ଉଲ୍ଲେଖ ଅଛି। ବରିଷ୍ଠ ଶିକ୍ଷକ ଶିବ ସୁବେଦାର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନେଇଛନ୍ତି।

ପ୍ରକାଶ ଯେ, ସାନଭରଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ରୋଷେଇ ଖର୍ଚ୍ଚ ପ୍ରଦାନରେ ପ୍ରଧାନ



ସିଆର୍‌ସିସି ସ୍କୁଲ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସ ଚଞ୍ଚକତା କରିଥିବା ଗ୍ରାମବାସୀ ଉମରକୋଟ ବିଇଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ଉପରେ ତଦନ୍ତ ମଧ ହେଇଥିଲା। ମଙ୍ଗଳବାର ଗ୍ରାମରେ ମିଟିଂ କରି ପିଲାଙ୍କୁ ବିଦ୍ୟାଳୟ ନ ଛାଡିବାକୁ ଅଭିଭାବକମାନେ ନିଷ୍ପତ୍ତି ନେଇଥିଲେ। ଏହାର ଫଳସ୍ୱରୂପ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରଥମରୁ ଅଷ୍ଟମ ଶ୍ରେଣୀର ୩୬୩ ଜଣ ଛାତ୍ରୀଛାତ୍ର ବୁଧବାର ସ୍କୁଲ ବର୍ଜନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନ ହେବା ଯାଏ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବେ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିପରେ ଗୁରୁବାର ୧୦୧ ଛାତ୍ରୀଛାତ୍ର ସ୍କୁଲ ଆସିଥିଲେ। ଗୁରୁବାର ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ ପାଇଁ ସିଆର୍‌ସିସି ପୂର୍ଣ୍ଣ ଆଚାରୀ ଯାଇଥିଲେ। ଗୁରୁବାର ବିଦ୍ୟାଳୟର ଏସ୍ଏମ୍‌ସି କମିଟି ସଦସ୍ୟ, ସଭାପତି ଏବଂ ଗ୍ରାମବାସୀ ସ୍କୁଲ ଯାଇଥିଲେ। ଶୁକ୍ରବାର ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବେ ବୋଲି ଅଭିଭାବକମାନେ କହିଛନ୍ତି।

